ରବିବାର

ସକାଳ ବନ୍ଧୁରା

THE SAKALA

୧୫-୨୧ ଫେବୃଆରୀ , ୨୦୨୬

- ନାବାଳକ ଅପରାଧ
- ପାରିବାରିକ ଓ ସାମାଜିକ ପୃଷ୍ଠଭୂମି
- କିଶୋରକାଳୀନ ଅପରାଧ ଓ ମାନସିକତା
- ନାବାଳକ ଅପରାଧ ଓ ସାମାଜିକ ପ୍ରଭାବ
- କିଶୋର ଅପରାଧ ଓ ଆଇନ ବ୍ୟବସ୍ଥା

କିଶୋର ଅପରାଧ

କୈଶୋର ଅପରାଧ

କିଶୋରାବସ୍ଥା ମଣିଷ ଜୀବନର ଗୁରୁତ୍ୱପୂର୍ଣ୍ଣ ଅବସ୍ଥା । ଏହି ସମୟରେ ପିଲାମାନଙ୍କ ଶାରୀରିକ ଅଭିବୃଦ୍ଧି, ମାନସିକ ଶକ୍ତି, ସୌନ୍ଦର୍ଯ୍ୟବୋଧ, ରୁଚିବୋଧ ଓ କଳ୍ପନା ଶକ୍ତିର ବିକାଶ ହୋଇଥାଏ । କିଶୋରକିଶୋରୀମାନେ ଆଦର୍ଶବୋଧକୁ ନେଇ ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି । କଳା, ସାହିତ୍ୟ,ସଙ୍ଗୀତ ପ୍ରତି ଆକର୍ଷିତ ହୁଅନ୍ତି । ଜୀବନରେ ସଫଳତା ପ୍ରାପ୍ତି ପାଇଁ କଠୋର ପରିଶ୍ରମ କରନ୍ତି । କାରଣ ସେମାନେ ହିଁ ହେଉଛନ୍ତି ଦେଶର ଭବିଷ୍ୟତ ଓ ସମାଜ ନିର୍ମାତା । ତେବେ ବର୍ତ୍ତମାନର କିଶୋରକିଶୋରୀମାନେ ବିପଥଗାମୀ ହେବାରେ ଲାଗିଛନ୍ତି । ପାଠପଢ଼ା ସମୟରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହୁଛନ୍ତି । ଏହା ଦେଶର ସଚେତନ ନାଗରିକ ଓ ବୁଦ୍ଧିଜୀବୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

ବର୍ତ୍ତମାନ ନାବାଳକ ଅପରାଧ ବିଶ୍ୱ ବ୍ୟାପୀ ଏକ ପ୍ରମୁଖ ସମସ୍ୟା । ପ୍ରତ୍ୟେକ ରାଷ୍ଟ୍ର ଓ ସମାଜରେ କୌଣସି ନା କୌଣସି ରୂପରେ ନାବାଳକ ଅପରାଧ ଦେଖିବାକୁ ମିଳିଥାଏ । ତେବେ ଭାରତ ଅପେକ୍ଷା ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହି ସମସ୍ୟା ଅତ୍ୟନ୍ତ ଗମ୍ଭୀର ଓ ଚିନ୍ତାଜନକ । ଓଡ଼ିଶାରେ ମଧ୍ୟ ନାବାଳକମାନେ ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହୁଛନ୍ତି । ଏହି ସମସ୍ୟା ମୂଳତଃ ପାରିବାରିକ ଓ ସାମାଜିକ ବିଶୃଙ୍ଖଳାର ପରିଣାମ । ମନୋବିଜ୍ଞାନୀଙ୍କ ମତ ଅନୁଯାୟୀ କେହି ଅପରାଧୀ ଭାବେ ଜନ୍ମ ନେଇ ନଥାଏ, ବରଂ ଜନ୍ମ ପରେ ବିଭିନ୍ନ କାରଣ ପାଇଁ ଜଣେ କିଶୋରାବସ୍ଥାରୁ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ରହିଥାଏ । ଯେଉଁ ସମୟରେ ନାବାଳକମାନେ ହାତରେ ବହି ଧରିବା କଥା, ସେଇ ସମୟରେ ବନ୍ଧୁକ ଓ ମାରଣାସ୍ତ୍ର ଧରୁଛନ୍ତି । ପୁଣି କେଉଁଠି ସ୍କୁଲରେ ଜୁନିଅର ଛାତ୍ରମାନେ ସିନିଅର୍ ଛାତ୍ରମାନଙ୍କ ଦ୍ୱାରା ରାଗିଂର ଶିକାର ହେଉଛନ୍ତି । ସେହିପରି ଜଣେ ସ୍କୁଲ ଛାତ୍ରର ମରଣାନ୍ତକ ଆକ୍ରମଣରେ ଆଉ ଜଣେ ସହପାଠୀ ଗୁରୁତର ହେଉଛି । ପୁଣି କେଉଁଠି ସହପାଠୀମାନଙ୍କ ଦ୍ୱାରା ସହପାଠିନୀ ଗଣଦୁଷ୍କର୍ମର ଶିକାର ହେଉଛି । ବିଭିନ୍ନ ଗଣଦୁଷ୍କର୍ମ ଘଟଣାରେ ମଧ୍ୟ ନାବାଳକଙ୍କ ସଂପୃକ୍ତି ଚିନ୍ତାର କାରଣ ପାଲଟିଛି । ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଆଜି ଜଘନ୍ୟ ଅପରାଧରେ ଜଡ଼ିତ । ଫଳରେ ବିଶୃଙ୍ଖଳିତ ହେବାରେ ଲାଗିଛି ସମାଜ । ବିପଥଗାମୀ ହେଉଛନ୍ତି ନାବାଳକମାନେ । ଏହି ପରିପ୍ରେକ୍ଷୀରେ କିଶୋର ଅପରାଧ କ'ଣ, କିଶୋର ଅପରାଧର କାରଣ , ପ୍ରତିକାର, ମନସ୍ତାତ୍ତ୍ୱିକ ଦିଗ, ନାବାଳକ ଅପରାଧୀଙ୍କ ପାଇଁ ଆଇନ ବ୍ୟବସ୍ଥା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **କୈଶୋର ଅପରାଧ**



ପ୍ରସ୍ତୁତି 'ସକାଳ ବ୍ୟୁରୋ'

କେମିତି କଟିବ ସପ୍ତାହ

ମେଷ
ରବି, ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।

ବୃଷ
ରବି, ସୋମବାରରେ ସାମାଜିକ ସମାବେଶରେ ସାହାଯ୍ୟ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି ।

ମିଥୁନ
ରବି, ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।

କର୍କଟ
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରୁ ସାହାଯ୍ୟ ପାଇବେ । ପରିସ୍ଥିତି ସହ ଖାପଖୁଆଇ ଚଳିବେ । ମଙ୍ଗଳ, ବୁଧ, ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବ । ବ୍ୟବସାୟ ପ୍ରସାରିତ ହୋଇପାରେ । ଶୁକ୍ର,ଶନିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ଯାଇପାରେ ।

ସିଂହ
ରବି,ସୋମବାରରେ ନିଜ ପ୍ରତିଭାର ପ୍ରଦର୍ଶନ କରିବେ । ଦୀର୍ଘ ଦିନର ଯୋଜନାରେ ସଫଳତା ପାଇବେ । ମଙ୍ଗଳ, ବୁଧ,ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଅର୍ଥହାନିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ସମାଜରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ ।

କନ୍ୟା
ରବି,ସୋମବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ମନେ କରିବେ । ଶୁକ୍ର,ଶନିବାରରେ ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ପାଇବେ ।

ତୁଳା
ରବି,ସୋମବାରରେ ପାରିବାରିକ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ନୂତନ ନିବେଶ କରି ଲାଭାନ୍ୱିତ ହେବେ । ବ୍ୟବସାୟ ସମ୍ବନ୍ଧରେ ଦୂରଯାତ୍ରା କରିବେ । ଶୁକ୍ର,ଶନିବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରୀ ହେବେ ।

ବିଛା
ରବି,ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିପାରେ । ମଙ୍ଗଳ, ବୁଧ,ଗୁରୁବାରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର,ଶନିବାରରେ ଅଭାବ ଓ ଅସୁବିଧା ଦେଖାଦେଇପାରେ ।

ଧନୁ
ରବି,ସୋମବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ । ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଶୁକ୍ର, ଶନିବାରରେ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇଁ ସଠିକ୍ ମାର୍ଗ ଅନୁସରଣ କରିବେ ।

ମକର
ରବି, ସୋମବାରରେ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଦେଖାଦେଇପାରେ । ଅର୍ଥହାନି ଯୋଗ ରହିଛି । ଶୁକ୍ର, ଶନିବାରରେ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜି ରହିବେ । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ କରିବେ ।

କୁମ୍ଭ
ରବି, ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।

ମୀନ
ରବି, ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ । ଶୁକ୍ର,ଶନିବାରରେ ଅର୍ଥ ଆଗମନର ସୂଚନା ପାଇବେ । ନୂତନ ନିବେଶ ପାଇଁ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

କୈଶୋର ଅପରାଧ

ଦିନକୁ ଦିନ ସମାଜ ବିଶୃଙ୍ଖଳିତ ହେବାରେ ଲାଗିଛି । ଏହାର କୁପ୍ରଭାବ ପଡୁଛି କିଶୋରମାନଙ୍କ ଉପରେ । ତେଣୁ ସାରା ଭାରତରେ ନାବାଳକ ଅପରାଧ ସଂଖ୍ୟା ବଢ଼ିବାରେ ଲାଗିଛି । ଆମ ରାଜ୍ୟ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ । ଯେଉଁ ସମୟରେ ଛାତ୍ରମାନଙ୍କ ହାତରେ ବହି ରହିବା କଥା ବନ୍ଧୁକ ରହୁଛି । କେଉଁଠି ହାଇସ୍କୁଲର ସିନିୟର ଛାତ୍ର ଆକ୍ରମଣରେ ଜୁନିଅର୍ ଛାତ୍ର ଲହୁଲୁହାଣ ହେଉଛି । ପୁଣି କେଉଁଠି ଗଣଦୁଷ୍କର୍ମରେ ଜଡ଼ିତ ସୁକୁମାର କିଶୋରମାନେ । ପୁଣି କେଉଁଠି ସିନିୟର ଛାତ୍ରଙ୍କ ରାଗିଂର ଶିକାର ହେଉଛନ୍ତି କୋମଳମତି ଜୁନିଅର୍ ପିଲାମାନେ । ଦେଶର ଭବିଷ୍ୟତ ନିର୍ମାତାମାନେ ଏବେ ହିଂସାତ୍ମକ କାର୍ଯ୍ୟକଳାପରେ ଜଡ଼ିତ । ବଢ଼ି ଚାଲିଥିବା ନାବାଳକ ହିଂସାକୁ ନେଇ ଚିନ୍ତାରେ ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ । ତେବେ ଏହା ପଛର କ'ଣ ରହିଛି କାରଣ ? ଏଥିପାଇଁ ଦାୟୀ କିଏ ? କ'ଣ କଲେ କିଶୋରମାନଙ୍କୁ ହିଂସାତ୍ମକ କାର୍ଯ୍ୟକଳାପରୁ ଦୂରେଇ ପାରିବା ? ନାବାଳକ ଅପରାଧର କାରଣ ଓ ପ୍ରତିକାରକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

ଡ. ବିମଳ ଷଡ଼ଙ୍ଗୀ

ଓଡ଼ିଶାର ସାମାଜିକ ଦୃଶ୍ୟପଟରେ ସଂଗଠିତ ନାବାଳକ ଅପରାଧ ଏକ ଗଭୀର ଏବଂ ଚିନ୍ତାଜନକ ସମସ୍ୟା ଭାବେ ଉଭା ହୋଇଛି । ୨୦୨୬ ମସିହାର ଜାନୁଆରୀ ୨୫ ତାରିଖରେ ଦେବଗଡ଼ ଥାନା ଅଞ୍ଚଳର ଜଣେ ୪ ବର୍ଷର ଶିଶୁ କନ୍ୟାକୁ ୧୭ ବର୍ଷର ନାବାଳକ ଦୁଷ୍କର୍ମ କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଥିଲା । ସେହପରି ୨୦୨୬ ମସିହାର ଜାନୁଆରୀ ୨୬ ତାରିଖ ଫେସ୍‌ବୁକରୁ ପ୍ରେମ ଓ ପରେ ପ୍ରତାରଣା କରି ଯାଜପୁର ମଙ୍ଗଳପୁରର ଜଣେ ନାବାଳିକାକୁ କଟକ ଜିଲ୍ଲାର ଜଣେ ନାବାଳକ ଦୁଷ୍କର୍ମ କରିବା ଘଟଣା ଚର୍ଚ୍ଚାରେ ରହିଥିଲା । ସେଭଳି ନିକଟରେ କଣ୍ଟାବାଞ୍ଜିର ଜଣେ ସହପାଠିନୀକୁ ଦୁଷ୍କର୍ମ କରି ୬ଜଣ ନାବାଳକଙ୍କ ଗିରଫ ହେବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଥିଲା । ସେଭଳି ୨୦୨୬ ଜାନୁଆରୀ ୩୧ ତାରିଖରେ ବାଲେଶ୍ୱର ଜିଲ୍ଲା ରେମୁଣା ହାଇସ୍କୁଲ ପରିସରରେ ଜଣେ ଦଶମ ଶ୍ରେଣୀର ଛାତ୍ରର ମାରଣାସ୍ତ୍ରରେ ନବମ ଶ୍ରେଣୀର ଛାତ୍ର ଗୁରୁତର ହେବା ଘଟଣା ଚିନ୍ତାର କାରଣ ପାଲଟିଥିଲା । ସେହିପରି ୨୦୨୫ ମସିହା ଜୁନ୍ ୧୫ ତାରିଖରେ ବହୁ ଚର୍ଚ୍ଚିତ ଗୋପାଳପୁର ବେଳାଭୂମି କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟରେ ରାଜନୈତିକ ବାତାବରଣକୁ ସରଗରମ କରିଦେଇଥିଲା । ଏହି ଘଟଣାରେ ସଂପୃକ୍ତ ଅଭିଯୋଗରେ ୧୦ ଜଣଙ୍କୁ ପୋଲିସ ଗିରଫ କରିଥିଲା । ତେବେ ଅତ୍ୟନ୍ତ ପରିତାପର ବିଷୟ ସେହି ଅଭିଯୁକ୍ତଙ୍କ ମଧ୍ୟରେ ୪ ନାବାଳକ ଥିଲେ । ଏହି ସବୁ ନାବାଳକ ଅପରାଧ ଘଟଣା କେତୋଟି ଉଦାହରଣ ମାତ୍ର । ଅତୀତରେ ଏମିତି ଅନେକ ବହୁ ଘଟଣା ଘଟିଛି । ଯେଉଁଠାରେ ସିଧାସଳଖ ନାବାଳକମାନେ ସଂପୃକ୍ତ ରହିଛନ୍ତି ।

ସେଭଳି ପିପିଲିର ଗଣଦୁଷ୍କର୍ମ, ନାବାଳକଙ୍କ ଗ୍ୟାଙ୍ଗଗୁଡ଼ିକ ସହର ଓ ଗ୍ରାମରେ ମାରଣାସ୍ତ୍ର ମାଧ୍ୟମରେ ଭୟବାତାବରଣ ସୃଷ୍ଟିର କରିବା, ଆତ୍ମହତ୍ୟା, ସାଇବର୍ ଅପରାଧ, ବାଲେଶ୍ୱର ଓ କେନ୍ଦ୍ରାପଡ଼ାର ବିଦ୍ୟାଳୟରେ ଛାତ୍ରଙ୍କ ପାଖରୁ ରିଭଲଭର୍ ଜବତ, ବୈଷୟିକ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ରାଗିଂ ସହିତ ନିଶା ଦ୍ରବ୍ୟ ସେବନ

ଆଦି ଦୁଃଖଦାୟକ ଘଟଣାଗୁଡ଼ିକ ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିଦେଉଛି । ଏଭଳି ଘଟଣାଗୁଡ଼ିକ କିଶୋରମାନଙ୍କ ଭବିଷ୍ୟତକୁ ଅନ୍ଧକାର ଓ ଅସୁରକ୍ଷିତ କରିଦେଉଥିବା ପରି ମନେହୁଏ । ଯେଉଁ ଶିଶୁ ଓ କିଶୋରମାନେ ଦେଶର ଭବିଷ୍ୟତ ନିର୍ମାତା, ସେମାନେ ଯଦି ଅପରାଧ ଦିଗକୁ ଧୀରେ ଧୀରେ ଆକୃଷ୍ଟ ହୁଅନ୍ତି, ତେବେ ଏହା କେବଳ ଆଇନ ଶୃଙ୍ଖଳାର ସମସ୍ୟା ନୁହେଁ, ବରଂ ସମାଜର ନୈତିକ, ଆର୍ଥିକ, ଆଧୁନିକ ସମାଜର ବିଫଳତା, ପ୍ରବଞ୍ଚନା, ଅବହେଳା, ବିଶୃଙ୍ଖଳିତ ପରିବେଶ ଓ ସାଂସ୍କୃତିକ ମୂଲ୍ୟବୋଧ ଅବକ୍ଷୟର ନଗ୍ନ ସୂଚନା ବୋଲି ଧରିବାକୁ ପଡ଼ିବ । ତେଣୁ ଏପରି ଅପରାଧ ପଛରେ ଥିବା ମୂଳ କାରଣକୁ ଚିହ୍ନଟ କରି ତା'ର ସ୍ଥାୟୀ ସମାଧାନ ନକଲେ ଶିଶୁ ବା କିଶୋର ଅପରାଧୀ ଭବିଷ୍ୟତ ଓଡ଼ିଶାକୁ ଏକ ଧ୍ୱଂସର କରାଳ ଗହ୍ୱରକୁ ଟାଣି ନେବେ ଏଥିରେ କୌଣସି ସନ୍ଦେହ ନାହିଁ ।

ବିଶ୍ୱ ଇତିହାସର ଅମର ନେତା ଆବ୍ରାହାମ୍ ଲିଙ୍କନଙ୍କ ଭାଷାରେ "ଗୋଟିଏ ଶିଶୁ ବା ନାବାଳକ ହେଉଛି ଜଣେ ବ୍ୟକ୍ତି, ଯିଏ ଆପଣ ଆରମ୍ଭ କରିଥିବା କାର୍ଯ୍ୟକୁ ଆଗକୁ ବଢ଼ାଇ ନେବ । ଆପଣ ଯେଉଁ ସ୍ଥାନରେ ବସିଛନ୍ତି ସେ ସେହିଠାରେ ବସିବ ଏବଂ ଯେତେବେଳେ ଆପଣ ସଂସାରରୁ ବିଦାୟ ନେବେ ସେତେବେଳେ ଆପଣ ଗୁରୁତ୍ୱପୂର୍ଣ୍ଣ ଭାବୁଥିବା ସମସ୍ତ ଜିନିଷଗୁଡ଼ିକ ପ୍ରତି ସେ ଅଧିକ ଧ୍ୟାନ ଦେବ । ଆପଣ ସମସ୍ତ ନୀତି ଗ୍ରହଣ କରିପାରନ୍ତି କିନ୍ତୁ ସେଗୁଡ଼ିକର କାର୍ଯ୍ୟକାରିତା ତାଙ୍କ ଉପରେ ନିର୍ଭର କରେ । ଆପଣଙ୍କ ଦ୍ୱାରା ବ୍ୟବହୃତ ଧର୍ମସ୍ଥଳ, ସ୍କୁଲ, ବିଶ୍ୱବିଦ୍ୟାଳୟ ଆଦିକୁ ସେ ଉନ୍ନତିର ଆଡ଼କୁ ଅଗ୍ରସର କରିପାରିବ, ତେଣୁ ମାନବତାର ଭାଗ୍ୟ କେବଳ ସେମାନଙ୍କ ହାତରେ ରହିଅଛି ।" ତେଣୁ ଯେଉଁ ନାବାଳକ ଆମ ଦେଶ ଓ ଜାତିର ଭବିଷ୍ୟତ ତାକୁ ଦୁର୍ଦ୍ଦଶା ମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ।

ନାବାଳକ ଅପରାଧର ପ୍ରମୁଖ କାରଣ

କେହି ଅପରାଧୀ ଭାବେ ଜନ୍ମ ନେଇ ନଥାନ୍ତି । ବିଭିନ୍ନ କାରଣ ପାଇଁ ଶିଶୁ ବା କିଶୋରମାନେ ବିଭିନ୍ନ ଅସାମାଜିକ ଓ ହିଂସାତ୍ମକ କାର୍ଯ୍ୟକଳାପରେ ସଂପୃକ୍ତ ରହିଥାନ୍ତି । ନାବାଳକ ଅପରାଧର ପ୍ରମୁଖ କାରଣଗୁଡ଼ିକ ସଂପର୍କରେ ଆଲୋଚନା କରିବା ।

ପାରିବାରିକ ଅବହେଳା ଓ ଭଙ୍ଗୁର ପରିବାର

ଶିଶୁ ବା କିଶୋରଙ୍କ ପ୍ରଥମ ଶିକ୍ଷାୟାତନ ତା'ର ନିଜର ପରିବାର ଓ ପିତାମାତା । ଆଧୁନିକ ସମାଜରେ ଏକକ ପରିବାର ଗ୍ରହଣୀୟତା ସହିତ ଶିକ୍ଷାର ପ୍ରଭାବରେ ସ୍ୱାମୀ ସ୍ତ୍ରୀ ନିଜ ନିଜର ଆତ୍ମନିର୍ଭରଶୀଳତାକୁ ନେଇ ଖୁବ ଗର୍ବିତ । ନିଜର ଅତିରିକ୍ତ ଅହଂକାର ଓ ସ୍ୱେଚ୍ଛାଚାରିତା ମନୋଭାବ ଦ୍ୱାରା ପ୍ରଭାବିତ ହୋଇ ଘରେ ଘରେ ଛାଡ଼ପତ୍ର, ମନୋମାଳିନ୍ୟ କଳହ ପୂର୍ଣ୍ଣ ପରିବେଶରେ ଆଚ୍ଛାଦିତ,ଫଳରେ ବାଲ୍ୟକାଳରୁ ପିତାମାତାଙ୍କ ସ୍ନେହ, ଶ୍ରଦ୍ଧା, ଅନୁଶାସନ ଓ ଜୀବନ ଗଢ଼ିବାର ମାର୍ଗଦର୍ଶନ ଅଭାବରୁ ଶିଶୁ ବା କିଶୋରଙ୍କ ମାନସିକ ବିକାଶରେ ବାଧା ସୃଷ୍ଟି ହେଉଛି ।

ସାମାଜିକ ପରିସ୍ଥିତି

ସେହିପରି ଗରିବୀ ,ବେକାରି ,ନିଶାଶକ୍ତ ,ନିରକ୍ଷରତା ଏବେବି ସମାଜର କଳଙ୍କ ଭାବରେ ବହୁଧା ଉଜ୍ଜୀବିତ । ଜୀବନ ଓ ଜୀବିକା ସଂଗ୍ରହ ପାଇଁ ସର୍ବଦା ବ୍ୟସ୍ତ ମଣିଷ ନିଜର ଅଭିଜ୍ଞତା, ସମୟ ଓ ସାମର୍ଥ୍ୟ ଅଭାବରୁ ସଠିକ୍ ଭାବରେ ଶିଶୁକୁ ଲାଳନ ପାଳନ କରିବାକୁ ଅସମର୍ଥ ହେତୁ ଶିଶୁ ଓ କିଶୋରମାନଙ୍କ ଜୀବନ ଗଠନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ଅବହେଳା କରିଥାଆନ୍ତି, ଯାହା ସେମାନଙ୍କୁ ମାନସିକ ସ୍ତରେ ଦୁର୍ବଳ କରିଥାଏ । ଫଳରେ ଏକ ଦୁର୍ବଳ ପରିବେଶରେ ବଢ଼ିଥିବା ଶିଶୁ ଓ କିଶୋର ଭୁଲ ପଥରେ ପାଦ ଦେବାର ସମ୍ଭାବନା ଅଧିକ ରହିଥାଏ ।

ଦାରିଦ୍ର୍ୟ ଓ ଆର୍ଥିକ ଅସମାନତା

ଓଡ଼ିଶାର ଅନେକ ଅଞ୍ଚଳର ବହୁତ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଜୀବନଯାପନ କରୁଛନ୍ତି । ଶୈଶବକାଳରୁ ନିଜର ଆବଶ୍ୟକତା ପୂରଣ କରିପାରିନଥିବା ଶିଶୁ ଓ କିଶୋର ଶୀଘ୍ର ଅର୍ଥ ପ୍ରାପ୍ୟ ଆଶାରେ ଅପରାଧ ଦିଗକୁ ସହଜରେ ଆକୃଷ୍ଟ ହୁଅନ୍ତି, ଯାହାକୁ ବେଳେବେଳେ କିଛି ରାଜନୈତିକ ଦଳ, ଧନୀ ଓ ଅସାମାଜିକ ବ୍ୟକ୍ତି, କୁସଙ୍ଗ ଆଦି ସେମାନଙ୍କୁ ଅର୍ଥ, ମଦ, ଅପରାଧିକ କାର୍ଯ୍ୟ ମାଧ୍ୟମରେ ଆକୃଷ୍ଟ କରି ବିଭିନ୍ନ ଅପରାଧର ମାର୍ଗଦର୍ଶକ ଭାବରେ ଉଭା ହୁଅନ୍ତି । ଗଞ୍ଜେଇ, ମଦ, ନିଶାଦାୟକ ଔଷଧ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଦ୍ୱାରା ନାବାଳକଙ୍କୁ ଅପରାଧ ପଥକୁ ସହଜରେ ଠେଲି ଦିଆଯାଏ ।

ଶିକ୍ଷାର ଅଭାବ ଓ ବିଦ୍ୟାଳୟ ଛାଡ଼ିବା ପ୍ରବୃତ୍ତି

ଶିକ୍ଷା ଶିଶୁକୁ ନୀତି, ଶିଷ୍ଟାଚାର ଓ ଜୀବନ ଦିଗଦର୍ଶନ ଦେଇଥାଏ । ସ୍ୱାଧୀନତା ପରେ ଆଜି ପର୍ଯ୍ୟନ୍ତ ରାଜ୍ୟ ଓ ଦେଶର ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷାର ସ୍ତର ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ । ସରକାରୀ ଶିକ୍ଷାନୁଷ୍ଠାନର ଅଭାବ, ଘରୋଇ ଶିକ୍ଷାନୁଷ୍ଠାନର ଅତ୍ୟାଚାର, ଉତ୍ତମ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ମରୁଡ଼ି ବା ଚୋରା ତାଲିମପ୍ରାପ୍ତ ଶିକ୍ଷକଙ୍କ କଳାଛାଇ ସହିତ ଶିକ୍ଷାଦାନ ସହିତ ଉତ୍ତମ ମାର୍ଗଦର୍ଶନର ଅବହେଳା, ଦୋଦୁଲ୍ୟମାନ ଶିକ୍ଷାନୀତିର କରାଳ କାୟାରେ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ଅନେକ ନାବାଳକ ଆଧାରାସ୍ତାରେ ପଢ଼ା ଛାଡ଼ି ଅନିୟନ୍ତ୍ରିତ ପରିବେଶରେ ପାଦଦେବାକୁ ବାଧ୍ୟହୁଅନ୍ତି ବା ଅର୍ଦ୍ଧ ପାଠୁଆର ପ୍ରମାଣ ପତ୍ରରେ ସୁନାଗରିକ ହେବା ବଦଳରେ ଅପରାଧ ଜଗତକୁ ଆକୃଷ୍ଟ ହୋଇଥାଆନ୍ତି । ପରିବାର ଓ ସ୍କୁଲ ଯେଉଁଠାରେ ମୂଲ୍ୟବୋଧ ଶିଖାଯିବା ଉଚିତ, ସେଠାରେ ଯଦି ସେମାନଙ୍କ ଜୀବନ ଅବହେଳିତ ହୁଏ, ତେବେ ଶିଶୁ ଓ କିଶୋରମାନେ ନୀତିହୀନ ପଥରେ ଆଗେଇଯାନ୍ତି । କେବଳ ପରୀକ୍ଷା ଓ କ୍ୟାରିୟର ଉପରେ ଗୁରୁତ୍ୱ ଦେଇ ନୀତିଶିକ୍ଷାକୁ ଅଣଦେଖା କରାଯିବା ଏହି ସମସ୍ୟାକୁ ଅଧିକ ବଢ଼ାଇଥାଏ ।

ସାମାଜିକ ଗଣମାଧ୍ୟମ ଓ ସାଇବର୍ ପ୍ରଭାବ

ତା ୫.୦୨.୨୦୨୬ରିଖ ଦିନ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ସମ୍ବାଦ ଅନୁସାରେ ଗାଜିଆବାଦରେ ତିନି ଭଉଣୀ ତାଙ୍କ ପିତାମାତାଙ୍କଠାରୁ ମୋବାଇଲ୍ ଫୋନ ବ୍ୟବହାରର କଟକଣା ଯୋଗୁ ଆତ୍ମହତ୍ୟାର ହୃଦୟବିଦାରକ ଘଟଣା ପରି ପ୍ରତ୍ୟେକ ଦିନ କିଛି ନା କିଛି ନାବାଳକମାନଙ୍କ ଦ୍ୱାରା ସଂଗଠିତ ଅପରାଧ ବିଭିନ୍ନ ରୂପରେ ଆମପାଖକୁ ଆସିଥାଏ । ନିଆଁରେ ଘିଅ ଢାଳିଲା ପରି , ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମ ଶିଶୁ ଓ କିଶୋରମାନଙ୍କ ଜୀବନର ଅଙ୍ଗ ହୋଇ ଅନେକ ବିପଥଗାମୀ ଶିଶୁ ଓ କିଶୋରଙ୍କୁ ଅଧିକ ଅପରାଧ ପାଇଁ ଏକ ମାଧ୍ୟମ ହୋଇପଡ଼ିଛି । ମୋବାଇଲ୍ ଫୋନ୍, ଇଣ୍ଟରନେଟ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସଆପ୍, ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ଜ୍ଞାନ, ସଂଯୋଗ ଓ ସୃଜନଶୀଳତାର ନୂଆ ଦ୍ୱାର ଖୋଲିଛି, କିନ୍ତୁ ଏହି ସୁବିଧାର ଅନ୍ୟପାର୍ଶ୍ୱରେ ଥିବା ଅନ୍ଧକାର ଦିଗ ଆଜି ଶିଶୁ ଓ କିଶୋରମାନଙ୍କୁ ଧୀରେ ଧୀରେ ଅପରାଧ ପ୍ରତି ଆକୃଷ୍ଟ କରୁଛି । ସାଇବର ଜଗତ ଏବେ କେବଳ ଭର୍ଚୁଆଲ୍ ନୁହେଁ, ଏହା ତାଙ୍କର ମନୋଭାବ, ଆଚରଣ ଓ ସିଦ୍ଧାନ୍ତକୁ ସଂପୂର୍ଣ୍ଣ ଭାବରେ ପ୍ରଭାବିତ କରୁଛି । ସାମାଜିକ ଗଣମାଧ୍ୟମ ମାଧ୍ୟମରେ ହିଂସା, ଗ୍ୟାଙ୍ଗ୍ ସଂସ୍କୃତି, ସାଇବର ଗେମ, ଅପରାଧୀୟ 'ହିରୋଇଜନେସ' ଓ ଅବୈଧ କାର୍ଯ୍ୟକୁ ଗୌରବମୟ କରି ଦେଖାଯାଉଥିବା ଭିଡିଓ ଓ ପୋଷ୍ଟ ଶିଶୁ ଓ କୋଶୋରମାନଙ୍କ ମନରେ ଭୁଲ ଆଦର୍ଶ ଗଢିବାକୁ ସମର୍ଥ ହୋଇଥାଏ । ବାରମ୍ବାର ସାମାଜିକ ଗଣମାଧ୍ୟମର ବିଭିନ୍ନ ଛବି ଦେଖିବାରୁ ହିଂସା ଓ ଅପରାଧିକାର୍ଯ୍ୟଗୁଡ଼ିକ ତା' ସମ୍ମୁଖରେ ଏକ ସାଧାରଣ ଘଟଣାର ଭାବ ସୃଷ୍ଟି କରି ବାସ୍ତବ ଜୀବନରେ ଅନୁକରଣ କରିବା ପ୍ରବୃତ୍ତି ବୃଦ୍ଧି କରିଥାଏ । ଲାଇକ୍, ଶେୟାର୍ ଓ ଫଲୋଅର୍‌ର ଦୌଡ଼ କିଶୋରମାନଙ୍କୁ ଅସ୍ୱାସ୍ଥ୍ୟକର ପ୍ରତିସ୍ପର୍ଦ୍ଧା ଆଡ଼କୁ ପ୍ରେରିତ କରେ । ଅନଲାଇନ୍ ଟ୍ରୋଲିଂ, ସାଇବର ବୁଲିଂ ଓ ଅପମାନଜନକ ମନ୍ତବ୍ୟ ତାଙ୍କର ଆତ୍ମମର୍ଯ୍ୟାଦାକୁ ଆଘାତ କରେ । ଏହି ମାନସିକ ଚାପରୁ ମୁକ୍ତି ପାଇବାକୁ କିଛି କିଶୋର ଆକ୍ରୋଶାତ୍ମକ କାର୍ଯ୍ୟ କିମ୍ବା ଅପରାଧୀୟ ପଥର ଆଶ୍ରୟ ନେଇଥାଆନ୍ତି । ଶିଶୁ ଓ କିଶୋରମାନେ ସେହିପରି ଅପରାଧ ପାଇଁ ଉପସ୍ଥିତ ନ୍ୟାୟିକ କାର୍ଯ୍ୟ,ଦଣ୍ଡ ଆଦି ବିଷୟରେ ଅବଗତ ନଥିବାରୁ ସେହି କାର୍ଯ୍ୟଗୁଡ଼ିକକୁ 'ମଜା' କିମ୍ବା 'ସାହସିକ କାର୍ଯ୍ୟ' ଭାବରେ ଧରିନେଇ ଅପରାଧରେ ନିଜକୁ ସାମିଲ କରନ୍ତି । କିଛି ଅପରାଧିକ ଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଜରିଆରେ କିଶୋରମାନଙ୍କୁ ପ୍ରଭାବିତ କରି ଅବୈଧ କାର୍ଯ୍ୟରେ ଲଗେଇ ଦେଉଛନ୍ତି ଯାହାକୁ କୁହାଯାଏ 'ଡିଜିଟାଲ୍ ଗ୍ରୁମିଂ' । ଅନଲାଇନ୍ ଜଗତରେ ଅଧିକ ସମୟ କାଟିବାରୁ ପରିବାର, ଶିକ୍ଷକ ଓ ସମାଜ ସହ ବାସ୍ତବ ସମ୍ପର୍କ ଦୁର୍ବଳ ହୁଏ । ଏହି ବିଚ୍ଛିନ୍ନ ଭାବ ଶିଶୁ ଓ କିଶୋରମାନଙ୍କୁ ଅନିୟନ୍ତ୍ରିତ କରିଥାଏ ଓ ସେମାନଙ୍କ ପାଖରେ ଅପରାଧ ପ୍ରବୃତ୍ତିକୁ ଉତ୍ସାହିତ କରେ ।

ପ୍ରତିକାର ଓ ସମାଧାନ

ଶିଶୁ ବା କିଶୋରମାନଙ୍କୁ ହିଂସାତ୍ମକ କାର୍ଯ୍ୟକଳାପଠାରୁ ଦୂରେଇ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ । ସେଗୁଡ଼ିକ ସଂପର୍କରେ ଆଲୋଚନା କରିବା ।

ସାମାଜିକ ମୂଲ୍ୟବୋଧର ଅବକ୍ଷୟ

ସମାଜର ମୂଳ ଭିତ୍ତି ହେଉଛି ମୂଲ୍ୟବୋଧ, ଯାହା ସତ୍ୟ, ନୀତି, ନ୍ୟାୟ, କରୁଣା ଓ ଦାୟିତ୍ୱବୋଧ । ଏହି ମୂଲ୍ୟଗୁଡ଼ିକ ଶିଶୁ ଓ କିଶୋରଙ୍କ ମନରେ ଛୋଟବେଳୁ ସ୍ଥାନିତ ହୋଇପାରିଲେ ସେମାନଙ୍କ ଚରିତ୍ର ଗଢ଼ି ଉଠେ । କିନ୍ତୁ ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଏହି ମୂଲ୍ୟବୋଧର ଅବକ୍ଷୟ ଦେଖାଦେଉଛି, ଯାହାର ସିଧାସଳଖ ପ୍ରଭାବ ଶିଶୁ ଓ କିଶୋରମାନଙ୍କ ଆଚରଣ ଉପରେ ପଡୁଛି । ମୂଲ୍ୟହୀନତା ଧୀରେ ଧୀରେ ତାଙ୍କୁ ଅପରାଧ ଦିଗରେ ଆକୃଷ୍ଟ କରୁଛି । ମୂଲ୍ୟବୋଧ ଦୁର୍ବଳ ହେଲେ ଭୁଲ ଓ ଠିକ୍‌ର ଭେଦ ଶିଶୁମନରେ ସ୍ପଷ୍ଟ ରହେ ନାହିଁ । ଚୋରି, ମିଛ, ହିଂସା, ଠକେଇ ପରି କାର୍ଯ୍ୟକୁ ସେମାନେ 'ସାଧାରଣ' ବୋଲି ଧରିନେବାକୁ ଲାଗନ୍ତି । ଏହି କଳାବାଦଳ ପରେ ଅପରାଧୀୟ କାର୍ଯ୍ୟକୁ ନ୍ୟାୟସଙ୍ଗତ କରିବାର ମନୋଭାବକୁ ଉଜାଗର କରିଥାଏ । ମୂଲ୍ୟବୋଧର ଅବକ୍ଷୟ ସହିତ ପରିଶ୍ରମ, ଧୈର୍ଯ୍ୟ ଓ ସତ ପଥର ମୂଲ୍ୟ କମିଯାଏ । ଶିଶୁ ଓ କିଶୋରମାନେ ତୁରନ୍ତ ଟଙ୍କା, ଖ୍ୟାତି ଓ ଶକ୍ତି ପାଇବାକୁ ଅପରାଧକୁ ସହଜ ଉପାୟ ଭାବେ ଦେଖନ୍ତି । ଏହି ମନୋଭାବ ଚୋରି, ଠକେଇ ଓ ହିଂସାକୁ ଉତ୍ସାହିତ କରେ । ମୂଲ୍ୟବୋଧ ଶିଶୁକୁ ନିଜ ଆକାଙ୍କ୍ଷା ଓ କ୍ରୋଧକୁ ନିୟନ୍ତ୍ରଣ କରିବା ଶିଖାଏ । ଯେତେବେଳେ ଏହି ନୀତିଗତ ଶିକ୍ଷା ଅଭାବ ହୁଏ, ସେତେବେଳେ ଶିଶୁ ଓ କିଶୋରମାନେ ଛୋଟ ଉତ୍ତେଜନାକୁ ମଧ୍ୟ ହିଂସା ଓ ଅପରାଧରେ ପରିଣତ କରନ୍ତି । ମୂଲ୍ୟବୋଧ ଅବକ୍ଷୟର ଆଉ ଗୋଟିଏ ଦିଗ ହେଉଛି ଅନୁଭୂତିହୀନତା । ଅନ୍ୟର ଯନ୍ତ୍ରଣା, ଅଧିକାର ଓ ସମ୍ମାନ ପ୍ରତି ସମ୍ବେଦନଶୀଳତା କମିଯାଏ । ଫଳରେ ଶିଶୁ ଓ କିଶୋରମାନେ ନିଜ କାର୍ଯ୍ୟର ପରିଣାମ ସମ୍ପର୍କରେ ଚିନ୍ତା କରନ୍ତି ନାହିଁ, ଯାହା ଅପରାଧ ପ୍ରବୃତ୍ତିକୁ ଆହୁରି ଶକ୍ତ କରେ । ଯେତେବେଳେ ସମାଜରେ ଅସତ୍ୟ, ଅନ୍ୟାୟ ଓ ଅନୀତି ସଫଳତାର ଚିହ୍ନ ଭାବେ ଦେଖାଯାଏ, ସେତେବେଳେ ଶିଶୁମାନେ ଭୁଲ ଆଦର୍ଶକୁ ଅନୁସରଣ କରନ୍ତି ।



ପରିବାର ଭିତ୍ତିକ ସଂସ୍କାର

ପିତାମାତାଙ୍କୁ ଶିଶୁଙ୍କ ସହ ସମୟ ଦେବା, ସେମାନଙ୍କ ମନୋଭାବ ବୁଝିବା ଓ ଭୁଲ ପଥରୁ ଫେରାଇବା ଅତ୍ୟନ୍ତ ଆବଶ୍ୟକ ।

ମଦବିରୋଧୀ ଅଭିଯାନ

ସରକାର, ପୋଲିସ ଓ ସମାଜିକ ସଂଗଠନ ମିଶି ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ଓ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ । ମାଦକ ଦ୍ରବ୍ୟରୁ ରାଜ୍ୟର ଅଧିକ ରାଜସ୍ୱ ଆସୁଥିଲେ ମଧ୍ୟ ସରକାର ବିକଳ୍ପ ରାଜସ୍ୱ ବୃଦ୍ଧିର ମାର୍ଗ ଆପଣେଇବା ଆବଶ୍ୟକ ।

ପୁନର୍ବାସ ଓ ସୁଧାରମୂଳକ ପଦକ୍ଷେପ

ନାବାଳକ ଅପରାଧୀଙ୍କୁ କେବଳ ଦଣ୍ଡ ନୁହେଁ, ସୁଧାର, ପରାମର୍ଶ ଓ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ସମାଜର ମୂଳଧାରାକୁ ଫେରାଇବା ଦରକାର ।

ସାମାଜିକ ଦାୟିତ୍ୱବୋଧ

ଗ୍ରାମ, ପଡ଼ୋଶୀ, ସ୍ୱେଚ୍ଛାସେବୀ ସଂଗଠନ ସମସ୍ତେ ମିଶି ଶିଶୁ ସୁରକ୍ଷା ଓ ନୀତିର ପ୍ରଚାରରେ ପ୍ରମୁଖ ଭୂମିକା ନେବା ଉଚିତ । ସାମାଜିକ ଗଣମାଧ୍ୟମକୁ ଦୋଷ ଦେଇ ଆମେ ଚୁପ୍ ହୋଇ ବସିବା ଉଚିତ୍ ନୁହେଁ । ପିତାମାତାଙ୍କ ଡିଜିଟାଲ୍ ସଚେତନତା, ସ୍କୁଲରେ ସାଇବର୍ ନୀତିଶିକ୍ଷା, ଅନଲାଇନ୍ କଣ୍ଟେଣ୍ଟ ନିୟନ୍ତ୍ରଣ ଓ ଆଇନ ସୂଚନା ପ୍ରଚାର ଅତ୍ୟନ୍ତ ଜରୁରି । ଯେତେବେଳେ ସାମାଜିକ ଗଣମାଧ୍ୟମର ନିୟନ୍ତ୍ରଣ ନୀତିହୀନ ହୋଇଯାଏ, ସେତେବେଳେ ତାହା ଅପରାଧର ନିରବ ପ୍ରେରକ ହୋଇଉଠେ । ସମାଜ, ପରିବାର ଓ ରାଜ୍ୟ ଯଦି ଠିକ ସମୟରେ ସଚେତନ ହୋଇ ଏହାକୁ ସଠିକ୍ ଦିଗରେ ନେଇଯାଆନ୍ତି, ତେବେ ଡିଜିଟାଲ୍ ଯୁଗ ଶିଶୁ ଓ କିଶୋରମାନଙ୍କ ପାଇଁ ଭବିଷ୍ୟତ ଗଢ଼ିବାର ଶକ୍ତି ହେବ, ଅପରାଧର ମାର୍ଗ ନୁହେଁ ।

ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ତା

ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ସରକାରୀକରଣ ସହିତ ଏକକ ପାଠ୍ୟ ଖସଡ଼ା, ଏକକ ମାନକୀକରଣ ଓ ମୂଲ୍ୟାଙ୍କନ ପଦ୍ଧତି ଆବଶ୍ୟକ ତତ୍ ସହିତ ସ୍କୁଲରେ ନୀତିଶିକ୍ଷା, କ୍ରୀଡା, କଳା ଓ ଦକ୍ଷତାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ଦରକାର, ଯାହା ଶିଶୁକୁ ସକାରାତ୍ମକ ଦିଗରେ ନେଇଯିବ । ଘରୋଇକରଣ ପଦ୍ଧତିରେ ପ୍ରଶିକ୍ଷଣ ବିନା ଶିକ୍ଷକ ସୃଷ୍ଟିର ପରମ୍ପରା ବନ୍ଦ କରିବା ସହିତ ଉପଯୁକ୍ତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ବ୍ୟବସ୍ଥାର ପ୍ରଚଳନ କେବଳ ଉପଯୁକ୍ତ ଶିକ୍ଷକ ସୃଷ୍ଟିର ମାଧ୍ୟମ ହେବା ଆବଶ୍ୟକ । ଘରୋଇ ବୈଷୟିକ ଶିକ୍ଷା ବ୍ୟବସ୍ଥାର ଦୁର୍ନୀତିକୁ ମୂଳୋତ୍ପାଟନ କରି ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ସ୍ଥାପନ କେବଳ ଗୋଟିଏ ନୀତିଶୀଳ ସେବାପରାୟଣ ସରକାର ହିଁ କାର୍ଯ୍ୟକାରୀ କରିପାରିବେ ।

ଦଣ୍ଡ ଓ ନ୍ୟାୟ ବିଭାଗ ନିୟମର ସୂଚନା

୧୪–୨୦ ବର୍ଷ ବୟସ ହେଉଛି ଜୀବନର ସବୁଠାରୁ ସଂବେଦନଶୀଳ ସମୟ । ୧୮ ବର୍ଷରୁ କମ୍ ବୟସର ଅପରାଧୀଙ୍କୁ ଭାରତରେ 'ନାବାଳକ' ଭାବେ ଦେଖାଯାଏ । ମାତ୍ର ହତ୍ୟା, ଧର୍ଷଣ, ଡକାୟତି ପରି ଜଘନ୍ୟ ଅପରାଧ କରିଥିବା ୧୬ରୁ ୧୮ ବର୍ଷ ବୟସର ଶିଶୁଙ୍କ ପାଇଁ ଆଇନ ଏକ ଭିନ୍ନ ବ୍ୟବସ୍ଥା ରଖିଛି । ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ପ୍ରଥମେ ତାଙ୍କର ମାନସିକ ପକ୍ୱତା, ଅପରାଧ ବୁଝିବା କ୍ଷମତା ଓ ପରିସ୍ଥିତିକୁ ଯାଞ୍ଚ କରି ନାବାଳକଙ୍କୁ ବୟସ୍କ ଭାବେ ଉପସ୍ଥାପନ କରିଥାଏ । ଏହିପରି ସୂଚନା ଗୁଡ଼ିକକୁ ସେମାନଙ୍କୁ ଜଣାଇବା ଉଚିତ । ସାଇବର୍ ଅପରାଧ ସମ୍ପର୍କରେ ଶିଶୁମାନେ ଯଦି ପୂର୍ବରୁ ସଚେତନ ହୁଅନ୍ତି, ତେବେ ସେମାନେ ଭୁଲ ପଥକୁ ଯିବା ପୂର୍ବରୁ ବନ୍ଦ ହୋଇପାରିବେ ।

ନାବାଳକ ଅପରାଧ ଓଡ଼ିଶାରେ କେବଳ ଆଇନ ଶୃଙ୍ଖଳା ପାଇଁ ଏକ ଆହ୍ୱାନ ନୁହେଁ, ବରଂ ଏହା ସମାଜର ସାମୂହିକ ଉତ୍ତରଦାୟିତ୍ୱ । ସାମାଜିକ ମୂଲ୍ୟବୋଧ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ଧ୍ୟାନ ଦେବା ଆବଶ୍ୟକ । ଶିଶୁ ଓ କିଶୋରମାନେ ଯଦି ଭୁଲ କରୁଛନ୍ତି, ତେବେ ସେମାନଙ୍କୁ ସଠିକ୍ ପଥ ଦେଖାଇବା ଆମ ସମସ୍ତଙ୍କ ଦାୟିତ୍ୱ । ଦଣ୍ଡଠାରୁ ଅଧିକ ସୁଧାର, ଅବହେଳା ଠାରୁ ଅଧିକ ସ୍ନେହ ଓ ଉପେକ୍ଷା ଠାରୁ ଅଧିକ ସଚେତନତା ଏହି ମନ୍ତ୍ରକୁ ଅନୁସରଣ କଲେ ଓଡ଼ିଶାର ଭବିଷ୍ୟତ ସୁରକ୍ଷିତ ଓ ସୁନ୍ଦର ହୋଇପାରିବ ।



ମୋ: ୯୪୩୭୧୨୩୮୯୨

ଡ. ମୌସୁମୀ ପରିଡ଼ା

କିଶୋର ଅପରାଧୀ

ପାରିବାରିକ ଓ ସାମାଜିକ ପୃଷ୍ଠଭୂମି

କିଶୋରାବସ୍ଥାର ରୂପରେଖ- ୧୦ ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ କିଶୋର ବା କିଶୋରୀ କୁହାଯାଏ । ଏହି ସମୟ ହେଉଛି ଜୀବନର ବହୁମୂଲ୍ୟ ସମୟ, ଯେତେବେଳେ ସେମାନଙ୍କ ଭିତରେ ମାନସିକ, ଶାରୀରିକ ଓ ଭାବନାତ୍ମକ ପରିବର୍ତ୍ତନ ଘଟୁଥାଏ । ପ୍ରତ୍ୟେକ ଜିନିଷକୁ ଜାଣିବା ଓ ବୁଝିବା ପାଇଁ ମନରେ ଉତ୍କଣ୍ଠା ସହିତ ତୀବ୍ର ପ୍ରତିକ୍ରିୟା ଜାତ ହେଉଥାଏ । ଯାହା ସକାରାତ୍ମକ ବା ନକାରାତ୍ମକ ହୋଇପାରେ । ଚକ୍ରବାତ ପରି ନିମିଷକେ ଜୀବନକୁ ଉଜାଡ଼ି ବା ସଜାଡ଼ି ଦେଇପାରେ । ସବୁ ନିର୍ଭର କରେ ପରିବେଶ, ପରିସ୍ଥିତି ଓ ମାନସିକତା ଉପରେ । କଞ୍ଚା ମାଟିରେ ପାତ୍ର ଗଢ଼ିବା ପରି କୈଶୋର ଯାହା ଅସାବଧାନତା କାରଣରୁ ନଷ୍ଟ ହେବା ପାଇଁ ବେଶି କ୍ଷଣ ଲାଗେନା । କାରଣ ଏ ସମୟରେ ଘରୋଇ ପରିବେଶ ଅପେକ୍ଷା ପିଲାମାନେ ସାଙ୍ଗସାଥୀମାନଙ୍କ ସହିତ ବେଶୀ ସମୟ କଟାନ୍ତି ଓ ସେମାନଙ୍କ ସହିତ ରହିବାକୁ ଅଧିକ ପସନ୍ଦ କରିଥାନ୍ତି । ସେଥିପାଇଁ ବାପାମାଆ ଓ ପରିବାରଠୁ କ୍ରମଶଃ ଦୂରେଇ ଯାଆନ୍ତି । ଶରୀର ସହିତ ମସ୍ତିଷ୍କର ବିକାଶ ଘଟୁଥିବାରୁ ସେମାନଙ୍କ ଭିତରେ ମାନସିକ ଭାରସାମ୍ୟ ଅସନ୍ତୁଳିତ ହେବାର ଆଶଙ୍କା ଉପୁଜିପାରେ । ସମ୍ବେଦନଶୀଳତା ଠିକ୍ ଅନୁପାତରେ ବଜାୟ ନରହିଲେ ଭବିଷ୍ୟତ ନଷ୍ଟ ହୋଇଯାଇଥାଏ ।

ଚରିତ୍ର ଗଠନର ବେଳ

କୈଶୋର ଶୈଶବ ଓ ଯୌବନର ମଝାମଝି ସମୟ । ଟିକେ ପଥ ହୁଡ଼ିଲେ ସାରା ଜୀବନ ନଷ୍ଟ ହୋଇପାରେ । ଏହି ସମୟ ନିଜ ପରିଚୟ, ସ୍ୱାଧୀନତା ଓ ଭାବନାତ୍ମକ ଚିନ୍ତାଧାରା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ କିଶୋରମାନେ ଅଦ୍ଭୁତ ଆଚରଣ କରିଥାନ୍ତି । ମୁଡ୍ ସ୍ୱିଙ୍ଗ୍ ପରି ଅଚାନକ ରାଗିଯିବା ବା ଖୁସିରେ ଆତ୍ମହରା ହୋଇପଡ଼ିବା ପରି ଲକ୍ଷଣମାନ ପ୍ରକାଶ ପାଇଥାଏ । ସୁଅ ମୁହଁର ପତ୍ର ପରି ସେମାନେ ଅନ୍ଧମୋହରେ ଭାସିଯାଆନ୍ତି । ସେତେବେଳେ ବାପାମାଆ କିମ୍ବା ଗୁରୁଜନମାନଙ୍କ ଆକଟ ସେମାନଙ୍କୁ ଠିକ୍ ଲାଗେ ନାହିଁ । ଅପରିପକ୍ୱତା କାରଣରୁ ଯୁକ୍ତିନିଷ୍ଠ ହୋଇ ଉଚିତ୍ ମାର୍ଗରୁ ହୁଡ଼ିଯାନ୍ତି । ଉଚିତ ଅନୁଚିତର ବିଚାର କରିପାରନ୍ତିନି ।

କୈଶୋରାବସ୍ଥାରେ ଠିକ୍ ଅନୁପାତରେ ଶିକ୍ଷା, ସଂଯମତା, ଶୃଙ୍ଖଳା, ଉଚିତ ଅନୁଚିତର ଜ୍ଞାନ ନରହିଲେ ଆଶାମାନ ଫଳବତୀ ହୋଇପାରନ୍ତି ନାହିଁ କିମ୍ବା ଜୀବନ ସୁମାର୍ଗରେ ପରିଚାଳିତ ହୋଇ ପାରେ ନାହିଁ । ବରଂ ନଷ୍ଟ ହୋଇଯାଏ । ନିକଟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାମାନେ ମାରଣାସ୍ତ୍ର ରଖି ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଏହାର ପ୍ରମାଣ । ନବମ ଶ୍ରେଣୀର ପିଲାଟିଏ ତା'ଠାରୁ ସାନ ପିଲାଟିକୁ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିବା ଆମମାନଙ୍କୁ ଭାବିବାକୁ ବାଧ୍ୟ କରେ ଏଭଳି କୋମଳମତି ପିଲାଙ୍କ ମନରେ ହିଂସାତ୍ମକ ପ୍ରତିକ୍ରିୟା ଆସିଲା କେଉଁଠୁ!

ପାରିବାରିକ ପୃଷ୍ଠଭୂମି

କେବେକେବେ ପିଲାମାନେ ପାରିବାରିକ ବାତାବରଣ ଦ୍ୱାରା ବେଶ୍ ପ୍ରଭାବିତ ହୁଅନ୍ତି । ଆବଶ୍ୟକୀୟ ଶିକ୍ଷା ବା ଉଚିତ ଅନୁଶାସନ ଅଭାବରୁ ସେମାନେ ବିଶୃଙ୍ଖଳିତ ଆଚରଣ କରିଥାନ୍ତି । କେବେକେବେ ବାପାମାଆଙ୍କ ଅଳ୍ପ ଶିକ୍ଷା କିମ୍ବା ପାରିବାରିକ କନ୍ଦଳ ଯୋଗୁଁ ସେମାନେ ପ୍ରଭାବିତ ହୁଅନ୍ତି ତ ଆଉ କେବେ ଆର୍ଥିକ ଅନଟନର ଶିକାର ହୋଇ ପଥଭ୍ରଷ୍ଟ ହୁଅନ୍ତି । ଗ୍ରାମ ବା ସହରରେ ସାମାଜିକତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବିପନ୍ନ ହୋଇପଡ଼ିଥିବାରୁ ଯୁବପିଢ଼ି ତଥା କିଶୋରମାନେ ବେଶି ଆକ୍ରାନ୍ତ । ଆଜିକାଲିର ଏକାନ୍ନବର୍ତ୍ତୀ ପରିବାରଗୁଡ଼ିକରେ ପିଲା ପ୍ରତି କର୍ମଜୀବୀ ବାପମାଆଙ୍କ ସମୟ ଅହେତୁକ ଅବହେଳା ପ୍ରଦର୍ଶନ, ପାରିବାରିକ ସୁସ୍ଥ ବାତାବରଣର ଅଭାବ ପିଲାମାନଙ୍କୁ ମୂଳରୁ ପ୍ରତିକ୍ରିୟାଶୀଳ କରିଦେଉଛି । କେବେକେବେ ବାପାମାଆଙ୍କ ଭିତରର ତିକ୍ତ ସଂପର୍କ, ଅତ୍ୟଧିକ ଅନୁଶାସନ କିମ୍ବା ଏକାକୀପଣ ସେମାନଙ୍କ ଭିତରର କୋମଳତାକୁ ନଷ୍ଟ କରିଦେଉଛି । ଆଉ କେବେ ନିଶାସକ୍ତ ପରିବାରର ଅଂଶ ହୋଇ ପିଲାଟିଏ ପଥ ହୁଜୁଛି! ନିଜ ସଂପର୍କୀୟଙ୍କଠାରୁ ବିଶୃଙ୍ଖଳା ଶିକ୍ଷା କରୁଥିବା ପିଲାଟି ଆଗକୁ ଗଲେ ସେହିଭଳି ବିଶୃଙ୍ଖଳିତ ଆଚରଣ ହିଁ କରିବ । ଯେଉଁ ବାପାମାଆ କିମ୍ବା ଗୁରୁଜନମାନେ ବିଭିନ୍ନ ବାହାନା ଦେଖାଇ ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ସେମାନଙ୍କ ଅନୁଗାମୀ ହିଁ ହେବେ । ପିଲାବେଳୁ ନିଶା ସେବନ କରିବେ । କାରଣ ନିଜେ ସୁମାର୍ଗରେ ଥିଲେ ସିନା ପିଲାଙ୍କୁ ଅବାଟରୁ ମୁକୁଳାଇ ହେବ । ନିଜେ ଅବାଟରେ ଥିଲେ ସମ୍ଭବ ନୁହେଁ । ତେଣୁ ପିଲାମାନଙ୍କୁ ସତ୍‌ମାର୍ଗରେ ନେବାକୁ ହେଲେ ପରିବାର ନିଜ ଭୂମିକାକୁ ନିଷ୍ଠାପର ଭାବେ ତୁଲାଇବା ଉଚିତ । କାରଣ ପିଲାମାନଙ୍କ ମାନସିକ ଓ ଶାରୀରିକ ବିକାଶ ପରିବାରକୁ ଉତ୍ତମ ଉତ୍ତରାଧିକାରୀ ପ୍ରଦାନ କରିଥାଏ ।

ସଙ୍ଗଦୋଷ

କେବେକେବେ ପିଲାମାନେ ନିଜ ଅଳ୍ପବୁଦ୍ଧି ହେତୁ ଉଚିତ୍ ଅନୁଚିତ ବାଛି ନପାରି ଭୁଲ୍ କରିଥାନ୍ତି । ଆଜିକାଲି କିଶୋରମାନେ ପଢ଼ିବା ପାଇଁ ଘର ଛାଡ଼ି ଶିକ୍ଷାନୁଷ୍ଠାନ, ଟିଉସନ୍ ଓ କୋଚିଂ ସେଣ୍ଟର ସହିତ ବଜାରଘାଟକୁ ଯାଉଥିବାରୁ ଘର ସହିତ ସଂପର୍କ କମ୍ ହୋଇଆସେ । ବେଶି ସମୟ ସାଙ୍ଗମାନଙ୍କ ସହିତ ବିତୁଥିବାରୁ ସେମାନଙ୍କ ଦ୍ୱାରା ପ୍ରଭାବିତ ହେବା ସହଜ ହୋଇଥାଏ । ଯଦି ସେମାନଙ୍କ ଭିତରୁ କେହି ଜଣେ ଅପରାଧିକ ମନୋଭାବାପନ୍ନ ବା ନିଶାସକ୍ତ ହୋଇଥାଏ, ତେବେ ଅନ୍ୟମାନେ ତାକୁ ଅନୁସରଣ କରି ଅବାଟକୁ ଯିବା ସହଜତର ହୋଇଯାଏ । କାରଣ ମନସ୍ତତ୍ତ୍ୱ ଅନୁସାରେ ନକାରାତ୍ମକ କଥାଗୁଡ଼ାକ ପିଲାମାନଙ୍କୁ ଅଧିକ ଆକର୍ଷିତ କରିଥାନ୍ତି । ଅବାଟ ସେମାନଙ୍କୁ ସାମୟିକ ଖୁସି ଦେଉଥିବାରୁ ସେମାନେ ତାକୁ ଉଚିତ ମଣି ନିଜ ମହାର୍ଘ ଜୀବନକୁ ନଷ୍ଟ କରିବାକୁ କୁଣ୍ଠାବୋଧ କରନ୍ତିନି । ତେଣୁ କୁସଙ୍ଗଦୋଷରୁ ମୁକୁଳି ନପାରି ବିପଥଗାମୀ ହୁଅନ୍ତି । ଭୁଲ୍‌ବାଟରୁ ଫେରିପାରନ୍ତିନି କିମ୍ବା ବିପଥଗାମୀ ହେବାକୁ ସାଙ୍ଗମାନଙ୍କୁ ବାରଣ କରିପାରନ୍ତିନି । ଉଦ୍ଦାମତାରେ ଭାସିଯାଇ ଅକାର୍ଯ୍ୟ କରିପକାନ୍ତି । ଠିକ୍ ଭୁଲ୍, ଉଚିତ ଅନୁଚିତ ଜାଣିବାବେଳକୁ ଉପାୟ ନଥାଏ । କାରଣ ଏହି ସମୟ ହେଉଛି ଉଦ୍ଦାମତା ଓ ଉନ୍ମାଦନାର ସମୟ ।

ସେହିପରି ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ଗେମ୍ ଖେଳି ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି ପିଲାମାନେ! ୱେବ୍ ସିରିଜ୍‌ରୁ ବିଭିନ୍ନ ଫିଲ୍ମ ଦେଖି ସେଥିରେ ପ୍ରଭାବିତ ହେଉଛନ୍ତି! ନା ଏସବୁକୁ ଆୟତ୍ତ କରିପାରୁଛନ୍ତି କେହି ନା ସରକାର ଏଥିପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉଛନ୍ତି! ଫଳରେ ବେଲଗାମ୍ ଗାଡ଼ି ପରି କୌଣସି ଦୁର୍ଘଟଣା ଘଟିବା ନିଶ୍ଚିତ ହୋଇଯାଉଛି । ନେଡ଼ିଗୁଡ଼ କହୁଣୀକୁ ବୋହିସାରିବା ପରେ ଅଭିଭାବକମାନେ ଅସହାୟ ହୋଇପଡ଼ିବା ସ୍ୱାଭାବିକ ।

ନିଶାଗ୍ରସ୍ତ ସମାଜ

ଧୂମପାନ ସହିତ ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ, ବ୍ରାଉନ୍ ସୁଗାର, ଅଫିମ, ଗଞ୍ଜେଇ ଇତ୍ୟାଦି ନିଶାସେବନ ସାଧାରଣ କଥା ପାଲଟିଥିବାବେଳେ, ସେସବୁ ଦ୍ୱାରା ଆକ୍ରାନ୍ତ ନିଶାଗ୍ରସ୍ତମାନେ ବିଭିନ୍ନ କାଣ୍ଡ ଭିଆଇବା ବି ମାମୁଲି ଘଟଣା! ନିଶାଦ୍ରବ୍ୟ ବ୍ୟବସାୟୀମାନେ ଅନେକ ସମୟରେ ଆକର୍ଷକ ପ୍ରସ୍ତାବ ମାଧ୍ୟମରେ ଅନେକ ନିଶାସକ୍ତ ତିଆରି କରିଆସୁଛନ୍ତି । ଚୋରା ବ୍ୟବସାୟୀମାନଙ୍କ ଜାଲ ସହରଠାରୁ ଗାଁଯାଏଁ ପରିବ୍ୟାପ୍ତ । ଯେଉଁଠାରେ ଗମନାଗମନର ସୁବିଧା ନାହିଁ, ଶିକ୍ଷା ଓ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟସ୍ତ ସେଠାରେ ନିଶାଦ୍ରବ୍ୟର ଚୋରାଚାଲାଣ ଅବାଧରେ ଚାଲିଥାଏ ।

ପ୍ରକାଶ ଥାଉ କି ନିକଟରେ ନୂଆବର୍ଷ ପାଳନ ନିମିତ୍ତ ବିଭିନ୍ନ ପବ୍‌ଗୁଡ଼ିକ ନିଜ ବ୍ୟବସାୟ ବୃଦ୍ଧି ନିମିତ୍ତ ଲୋଭନୀୟ ଅଫର୍ ପ୍ରଦାନ କରୁଥିଲେ । ଯୁବପିଢ଼ିଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତାବ ଥିଲା ମାତ୍ର ପାଞ୍ଚଶହ ଟଙ୍କାରେ କଲେଜ ପିଲାମାନେ ନିଜ ସଙ୍ଗୀ/ ସଙ୍ଗିନୀଙ୍କୁ ସାଙ୍ଗରେ ନେଇ ଅପର୍ଯ୍ୟାପ୍ତ ଲୋଭନୀୟ ଅଫର୍‌ର ସୁବିଧା ଉଠାଇ ପାରିବେ । ରାତି ବାରଟା ପରେ ଆହୁରି ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଉଥିଲା । ଗଣ୍ଡଗୋଳକୁ ଆୟତ୍ତ କରିବା ପାଇଁ ବାଉନ୍ସର୍‌ମାନଙ୍କୁ ନିୟୋଜିତ କରାଯାଇଥିଲା । ଏଥି ସହିତ ଆଜୀବନ ମେମ୍ବର ହେବା ପାଇଁ ବି ସହଜ ସୁଲଭ ବ୍ୟବସ୍ଥା ଥିଲା । ବଢ଼ଦିନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଅଫର୍ ଯୁବପିଢ଼ିଙ୍କୁ ଏତେ ଉତ୍ସାହିତ କରିଥିଲା ଯେ ଲମ୍ବା ଲାଇନ୍ ଲାଗିଥିଲା ପବ୍ ଆଗରେ । ପିଲାମାନେ ନାଚିବା ପାଇଁ ବାହାର ପ୍ରାଙ୍ଗଣରେ ନୃତ୍ୟ ଅଭ୍ୟାସ ଜାରି ରଖିଥିଲେ । ଆଉ ଅନେକ ନିଜ ପାର୍ଟନର୍‌ଙ୍କ ସହିତ ମଦନିଶାରେ ଉନ୍ମତ୍ତ ହେବା ପାଇଁ ସମୟ ଗଣୁଥିଲେ ।

ଏଭଳି କୁତ୍ସିତ ପରମ୍ପରାକୁ ଉତ୍ସାହିତ କରିବା ଆମ ସଂସ୍କୃତିର ପରିପନ୍ଥୀ । ରାଜଧାନୀର ଏପରି କୁତ୍ସିତ ପରମ୍ପରା ଯୁବପିଢ଼ିଙ୍କୁ କେଉଁ ଆଡ଼କୁ ଟାଣୁଛି? ଏସବୁ କୋମଳମତି କିଶୋରମାନଙ୍କ ଉପରେ କି ପ୍ରଭାବ ପକାଇବ? ଅନ୍ୟକୁ ଅନୁକରଣ କରି ଆଜିକାଲି ପ୍ରାୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାମାନେ ଯୋଡ଼ି ବନେଇ ବିଶ୍ୱଙ୍ଗଳିତ ହେଲେଣି! ଦୃଷ୍ଟିକଟୁ ହେଉଛି ସେମାନଙ୍କ ଅବାଧ ମିଳାମିଶା । ଏସବୁର ପାର୍ଶ୍ୱପ୍ରତିକ୍ରିୟା କିଶୋରମାନଙ୍କ ଉପରେ ପ୍ରତିଫଳିତ ହେଉଛି । ସେଥିପାଇଁ ମାନବୀୟ ମୂଲ୍ୟବୋଧ ସହିତ ପାରିବାରିକ ମୂଲ୍ୟବୋଧ ସଂକଟାପନ୍ନ ଅବସ୍ଥାରେ! ଏଥିପାଇଁ ପରିବେଶ ଓ ପ୍ରଶାସନର ସ୍ଥାଣୁତା ଦାୟୀ । ସେଥିପାଇଁ ଶୈକ୍ଷିକ ବାତାବରଣରେ ବି ପିଲା ମାରଣାସ୍ତ୍ରରେ ସହପାଠୀକୁ ଆକ୍ରମଣ କରିବାର ସାହସ ରଖୁଛି! ଏପରିକି ମାରଣାସ୍ତ୍ର ସହ ବିଦ୍ୟାଳୟ ଭିତରକୁ ସମସ୍ତଙ୍କ ଅଜାଣତରେ ପ୍ରବେଶ କରିପାରୁଛି!

ମାନବୀୟ ମୂଲ୍ୟବୋଧର ଅବକ୍ଷୟ

ଯୁଦ୍ଧଗ୍ରସ୍ତ ପୃଥିବୀରେ ଜୀବନ ଏବେ ସଂକଟାପନ୍ନ । ଭବିଷ୍ୟତ ଅନିଶ୍ଚିତ । ଯୁଦ୍ଧ ଦେଶ ଦେଶ ମଧ୍ୟରେ, ରାଜ୍ୟ ରାଜ୍ୟ ମଧ୍ୟରେ ଏମିତିକି ସମାଜ ଓ ପରିବାର ଭିତରେ ଅନବରତ ଚାଲୁ ରହିଛି । ଏପରିକି ମଣିଷ ନିଜ ଭିତରର ଯୁଦ୍ଧରେ ଅତିଷ୍ଠ ହୋଇ କିଛି ନା କିଛି ଭୁଲ୍ କରିବସୁଛି! ପରିବେଶ, ପରିସ୍ଥିତି ମଣିଷକୁ ଏପରି ଅସହାୟ କରି ଦେଇଛି ଯେ ଶତ ଚେଷ୍ଟା କରି ବି ନିଜ ମନ ଓ ଆଚରଣକୁ ଆୟତ୍ତରେ ରଖି ହେଉନି । ମାନବୀୟ ମୂଲ୍ୟବୋଧର ଘୋର ସଂକଟ ବେଳାରେ ପିଲାମାନଙ୍କୁ ଶାନ୍ତିକାମୀ ହେବା ପାଇଁ ପ୍ରରୋଚିତ କରିବା ଚ୍ୟାଲେଞ୍ଜିଂ ନିଶ୍ଚୟ । ମାନବତାର ମୃତ୍ୟୁ ଓ ପଶୁତ୍ୱର ବୃଦ୍ଧି ଘଟିବାର ସନ୍ଧିକ୍ଷଣରେ କୋମଳମତି ପିଲାମାନେ ପ୍ରଭାବିତ ହେବା ସ୍ୱାଭାବିକ । ଅତ୍ୟାଧୁନିକ ସମାଜରେ ନିତିପ୍ରତିଦିନ ଘଟୁଥିବା ନୃଶଂସ କାଣ୍ଡ, ମାରପିଟ୍, ହଣାକଟା, ଗୋଷ୍ଠୀ କନ୍ଦଳ, ବର୍ବରତା ସୀମା ଟପିଥିବାବେଳେ କିଶୋରବର୍ଗ ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ବାହାରକୁ ପାଦ କାଢ଼ିବା ମାତ୍ରେ ଗୋଟେ ନୈତିକତାହୀନ ସମାଜ ତା ଦୃଷ୍ଟି ପଥରୋଧ କରୁଛି । ଯେଉଁଠି କଥା କଥାକେ ଗାଳିଗୁଲଜ, ମରାମରି, ହିଂସା, ଈର୍ଷା, ବିଦ୍ୱେଷ, ବିଭିନ୍ନ ପ୍ରକାରର ବୈଷମ୍ୟ ଓ ଗୋଡ଼ ଟଣାଟଣି ବ୍ୟବସ୍ଥା ସେଠାରେ ଭଲ କଥା ଶିକ୍ଷା କରିବା ବା ନିଜକୁ ସତ୍ ମାର୍ଗରେ ପରିଚାଳିତ କରିବା ଏକବାରେ କଷ୍ଟକର ।

ଶିକ୍ଷାକ୍ଷେତ୍ରର ପ୍ରଭାବ

ଶିକ୍ଷାନୁଷ୍ଠାନ ଓ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କ ପାଇଁ ମାର୍ଗଦର୍ଶକ ସାଜି ଥାଆନ୍ତି । କିନ୍ତୁ ଆଜିକାଲି ସେଠାରେ ଦଣ୍ଡ ନିଷେଧ । ତେଣୁ ସେମାନେ ସଂକୁଚିତ ରହିବାକୁ ବାଧ୍ୟ । କଠୋର ନିର୍ଦ୍ଦେଶ ଦେଇ ଭୟଭୀତ କରାଇ ପାରିବେ ନାହିଁ । ସେଥିପାଇଁ ଯେତେସବୁ ନୀତିନିୟମ କଟକଣା । ନିର୍ଦ୍ଧାରିତ ସୀମା ଭିତରେ ଥାଇ ପିଲାମାନଙ୍କୁ ସତ୍ ମାର୍ଗରେ ପରିଚାଳିତ କରାଇବା ଛଡ଼ା ଅନ୍ୟ ପନ୍ଥା ନାହିଁ । କିନ୍ତୁ ସବୁ ପିଲାଙ୍କୁ ନିୟନ୍ତ୍ରଣ କରାଯିବା ବିଅସମ୍ଭବ । ସେଥିପାଇଁ ଅଭିଭାବକମାନଙ୍କ ରୋଷର ଶିକାର ହେବାକୁ ପଡ଼ିଥାଏ । ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ନିଜ ଲକ୍ଷ୍ମଣ ରେଖା ଭିତରେ ରହିବାକୁ ବାଧ୍ୟ । ସ୍କୁଲଗୁଡ଼ିକରେ ପ୍ରଚଳିତ ବ୍ୟବସ୍ଥା ବାସ୍ତବରେ ଶିକ୍ଷାର ବାଧକ ସାଜେ । ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଶିକ୍ଷାଦାନର ମାନ ହ୍ରାସ ପାଏ । ସେଠାରେ ପିଲାର ଚରିତ୍ରଗଠନକୁ ଦୃଷ୍ଟିଦେବା କଠିନ ବ୍ୟାପାର । କିଛି ମେଧାବୀଙ୍କୁ ବାଦ୍ ଦେଲେ ଆଜିକାଲି ଶିକ୍ଷାନୁଷ୍ଠାନଗୁଡ଼ିକ ପିଲାଙ୍କ ଚରିତ୍ରଗଠନରେ ବିଶେଷ ସହାୟକ ହୋଇପାରନ୍ତିନି । ତେଣୁ ଯେତେବେଳେ ପିଲାମାନେ ଭବିଷ୍ୟତ ଲକ୍ଷ୍ୟପଥରେ ଅଗ୍ରସର ହେବା କଥା ସେତେବେଳେ ସେମାନଙ୍କ ହାତରେ ମାରଣାସ୍ତ୍ର କେଉଁଠାରୁ ଓ କାହିଁକି ଆସେ? କଅଁଳ ମନତଳେ ହିଂସା ଈର୍ଷା ବିଦ୍ୱେଷ କେଉଁଠାରୁ ସଂକ୍ରମିତ ହୁଏ? ଅନୁସନ୍ଧାନରୁ ମନେହୁଏ ବିଭିନ୍ନ ପାରିପାର୍ଶ୍ୱିକ ଓ ବ୍ୟକ୍ତିଗତ କାରଣମାନ ଏଥିପାଇଁ ଦାୟୀ । ପିଲାମାନେ ବଢୁଥିବା ପରିବାର ଓ ସମାଜରେ ନିତି ପ୍ରତିଦିନ ଘଟୁଥିବା ଘଟଣା, ଦୁର୍ଘଟଣାରୁ ପିଲାର କୋମଳ ମନ ପ୍ରଭାବିତ ହୁଏ ।

ମୋବାଇଲ୍ ବ୍ୟବହାର

ଆଜିକାଲିର ଯୁଗ ଇଣ୍ଟରନେଟ୍‌ର ଯୁଗ । ପ୍ରତ୍ୟେକଙ୍କ ହାତରେ ମୋବାଇଲ୍ । ପିଲାମାନେ ଏହା କବଳରେ ପଡ଼ି ଯନ୍ତ୍ର ପାଲଟିଯାଉଛନ୍ତି । ସେମାନଙ୍କ ମନର ଅବବୋଧ ଟିକକ ମରିଯାଉଛି । ସ୍ୱିଚ୍ ଟିପିଲା ମାତ୍ରକେ ଫିଲ୍ମଠାରୁ ଆରମ୍ଭ କରି ଘାତକ ଖେଳ, ହିଂସାତ୍ମକ କାର୍ଯ୍ୟକାଳାପକୁ ଉତ୍ସାହିତ କରୁଥିବା ତଥ୍ୟମାନ ଉପଲବ୍ଧ ହେଉଥିବାରୁ ଅବିଚାରର ବଶବର୍ତ୍ତୀ ହୋଇ ବିପଥଗାମୀ ହେଉଛନ୍ତି ।

ମୋବାଇଲ୍ ବ୍ୟବହାର ଯଦିଓ ଅନେକ ଦୃଷ୍ଟିରୁ ଲାଭଦାୟକ ତେବେ ବି ପ୍ରତ୍ୟେକ ଜିନିଷର ଅପକାରିତା ଉପକାରିତା ସହିତ ସନ୍ନିହିତ ହୋଇ ରହିଥାଏ । ନିମିଷକ ଭିତରେ ଭଲମନ୍ଦ, କାର୍ଯ୍ୟଅକାର୍ଯ୍ୟ, ଉଚିତ ଅନୁଚିତ ତଥ୍ୟ ସବୁକିଛି ମୋବାଇଲ୍‌ରୁ ସହଜରେ ଉପଲବ୍ଧ ହୋଇପାରେ । ଯାହା ଫଳରେ ଜଣେ ମେଧାବୀ ହୋଇପାରେ କିମ୍ବା କୁଖ୍ୟାତ ଅପରାଧୀ ହୋଇପାରେ ସେସବୁ ନିର୍ଭର କରେ ନିଜ ପ୍ରକୃତି ଓ ମନୋଦଶା ଉପରେ । ମୋବାଇଲ୍ ସହଜ ମାଧ୍ୟମ ସାଜି ହାତ ଧରି ସେହି ବାଟକୁ ନେଇଯାଏ । ଆଜିକାଲି ପ୍ରାୟ ପ୍ରତ୍ୟେକ ପିଲାଙ୍କ ହାତରେ ମୋବାଇଲ୍ ଥିବାରୁ ଏସବୁ ବେଶ୍ ସହଜସାଧ୍ୟ । ଜଣେ ଅପରାଧିକ ମନୋବୃତ୍ତିର ହୋଇଥିଲେ ତା ପାଇଁ ମୋବାଇଲ୍ ଉତ୍ତମ ପ୍ରଶିକ୍ଷକ ସାବ୍ୟସ୍ତ ହୁଏ । ତେଣୁ ଏହି ପିଲାମାନଙ୍କୁ ମୋବାଇଲ୍ ବାରଣ କରିବା ଉଚିତ୍ । ପ୍ରକାଶ ଥାଉ କି ୨୦୨୩ ମସିହାର ଏନସିଆର୍‌ବିର ତଥ୍ୟାନୁସାରେ ଭାରତରେ କିଶୋର ଅପରାଧିଙ୍କ ସଂଖ୍ୟା ୧ ଲକ୍ଷରେ ପ୍ରାୟ ୭.୧ । ଗିରଫ ହୋଇଥିବା ୪୦୦୩୬ ପିଲାଙ୍କ ମଧ୍ୟରୁ ପ୍ରାୟ ୭ ୯ ପ୍ରତିଶତ ପିଲାଙ୍କ ବୟସ ୧୬-୧୮ ବର୍ଷ ମଧ୍ୟରେ, ଯାହା ଚିନ୍ତାଜନକ । ଦିଲ୍ଲୀରେ ଏ ଅନୁପାତ ସର୍ବାଧିକ ଯାହା କ୍ରମଶଃ ବୃଦ୍ଧି ହେଉଛି ।

ନିରାକରଣ

ମୋବାଇଲ୍ ବ୍ୟବହାର ସହିତ ଅବକାରୀ ଦ୍ରବ୍ୟଗୁଡ଼ିକର ବିକ୍ରିକୁ ସୀମିତ କରାଯାଉ । ପ୍ରତିଘରେ ପର୍ବପର୍ବାଣି ବା ଶୁଦ୍ଧିକ୍ରିୟାରେ ମାଦକଦ୍ରବ୍ୟର ବ୍ୟବହୃତ ନହେଉ, ଯାହାଦ୍ୱାରା ପିଲାମାନେ ପ୍ରଭାବିତ ହେବେ । ଏସବୁରେ ପ୍ରତିବନ୍ଧକ ଲଗାଯାଉ । ବାପାମାଆ ଓ ପରିବାର ପିଲାମାନଙ୍କୁ ଶୃଙ୍ଖଳିତ କରିବା ସହିତ ନୈତିକ ଶିକ୍ଷା ପ୍ରଦାନ କରିବା ଜରୁରି । ଶିକ୍ଷାନୁଷ୍ଠାନରେ ଏହି ସଂପର୍କିତ ବିଷୟବସ୍ତୁକୁ ପରିସରଭୁକ୍ତ କରାଯାଉ । ନିଶାଦ୍ରବ୍ୟ ସେବନ ସ୍ପଷ୍ଟ ଦିବାଲୋକ ସର୍ବସାଧାରଣରେ ସମ୍ଭବ ନହେଉ ଯାହା କିଶୋରମାନଙ୍କ ଉପରେ କୁପ୍ରଭାବ ପକାଇବ । ସାଧାରଣ ସ୍ଥାନରେ ଗାଳିଗୁଲଜ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଉପଯୁକ୍ତ ଦଣ୍ଡବିଧାନ ହେଉ । କାରଣ ଆଜିକାଲି ମାଆଭଉଣୀଙ୍କୁ ନେଇ ଗାଳିଗୁଲଜ ବେଶ୍ ସାଧାରଣ ହୋଇଗଲାଣି! ଏଭଳି ଅନୈତିକ ବାତାବରଣ ଓ ନକାରାତ୍ମକତା କିଶୋରମାନଙ୍କ ଭବିଷ୍ୟତକୁ ଧ୍ୱଂସମୁଖୀ ନକରୁ, ସେଥିପାଇଁ ପ୍ରଶାସନିକ ଅଙ୍କୁଶ ଲଗାଯିବା ଜରୁରି । ■

ମାର୍ଫତ: ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର., କ୍ୱା.ନଂ-୩ଆର/୩, ଜଗତସିଂହପୁର
ମୋ: ୯୪୩୭୩୧୭୦୨୬

କିଶୋରକାଳୀନ ଅପରାଧ ଓ ମାନସିକତା

ପ୍ରଫେସ ଫକୀରମୋହନ ସାହୁ

ଯୁବ-ଅପରାଧର ଯାତନା ସବୁ ଦେଶରେ ସବୁ ସମୟରେ ଏକ ଉଦ୍‌ବେଗର କାରଣ । ସମାଜ ଓ ପରିବେଶର ଜଟିଳତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କିଛି ପରିମାଣରେ କିଶୋରକାଳୀନ ଅପରାଧ ବୃଦ୍ଧି ପାଇବା ଏକ ସାଧାରଣ ପ୍ରତ୍ୟାଶା । ମାତ୍ର ଏବେ ଯେପରି କିଶୋରକାଳୀନ ଅପରାଧବୃଦ୍ଧି ରକେଟ୍ ଗତିରେ ବଢ଼ି ଚାଲିଛି, ତାହାର ଭୟାନକ ଦୃଶ୍ୟ ସମାଜକୁ ଆତଙ୍କିତ କରିଛି । ବିଶେଷତଃ ଓଡ଼ିଶା ପରି ଏକ ପରମ୍ପରାନିଷ୍ଠ ରାଜ୍ୟରେ ଏପରି ଅପରାଧର ବନାଗ୍ନି ଦୁଶ୍ଚିନ୍ତାର କାରଣ ହୋଇଛି । ରାସ୍ତାପାର୍ଶ୍ୱରେ, ବିଦ୍ୟାଳୟରେ ଏବଂ ପରିବାରରେ ନାରକୀୟ ଘଟଣାର ଚିତ୍ର ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ପରଦାକୁ ବୀଭତ୍ସ ରୂପ ଦେଇଛି । ଏହାର ବର୍ଦ୍ଧିତ ରୂପରେଖର କାରଣ ନ ଜାଣିଲେ ପ୍ରତିରୋଧର ବ୍ୟବସ୍ଥା ଅସମ୍ଭବ ହୋଇଉଠିବ ।

ଅପରାଧବୃଦ୍ଧିର ଯେଉଁ ସମସ୍ତ କାରଣ ରହିଛି, ତାହା ମୁଖ୍ୟତଃ ଦୁଇଟି ଧରଣର । ପ୍ରଥମ ଧରଣର କାରଣଟି ଅତୀତରେ ଥିଲା; ଏବେ ମଧ୍ୟ ରହିଛି । ଦ୍ୱିତୀୟ ଧରଣର କାରଣଗୁଡ଼ିକ ସାମ୍ପ୍ରତିକ । ବର୍ତ୍ତମାନର ବିକୃତ ଜୀବନଶୈଳୀ ଏପରି ଅପରାଧବୃଦ୍ଧିକୁ ଦ୍ରୁତତର କରୁଛି ।

ନିତ୍ୟନୈମିତ୍ତିକ କାରଣ

କିଶୋରକିଶୋରୀମାନେ ଅନ୍ୟମାନଙ୍କ ତୁଳନାରେ ଶୀଘ୍ର କୁପ୍ରଭାବଗ୍ରସ୍ତ ହୋଇପଡ଼ିବା ଏବଂ ଅପରାଧ କରିବାର କେତେକ ମନସ୍ତାତ୍ତ୍ୱିକ ଓ ସ୍ନାୟୁଭିତ୍ତିକ କାରଣ ରହିଛି । ଏଗୁଡ଼ିକ ବିଶେଷଜ୍ଞମାନେ ଜାଣନ୍ତି ଏବଂ ଏହାକୁ ଭିତ୍ତି କରି ସେମାନେ ଅପରାଧ କରିଥିବା କିଶୋର କିଶୋରୀମାନଙ୍କୁ କାରାଗାର ନ ପଠାଇ ସଂଶୋଧନଗାରକୁ ପଠାଇବାର ପରାମର୍ଶ ଦିଅନ୍ତି ।

ମୂଳ କାରଣଟି ମସ୍ତିଷ୍କର ପରିବର୍ତ୍ତନଶୀଳତା ସହିତ ସମ୍ବନ୍ଧିତ । ଏହା ସ୍ନାୟୁବିଜ୍ଞାନର ଏକ ମୌଳିକ କଥା ଯେ ଜୀବନଯାପନ ସମୟରେ ମସ୍ତିଷ୍କ ଦୁଇତିନି ଥର ପରିବର୍ତ୍ତିତ ହୁଏ । ପ୍ରଥମରେ ଶିଶୁର ଦୁଇତିନି ବର୍ଷ ବୟସରେ ମସ୍ତିଷ୍କର କିଛିଟା ପରିବର୍ତ୍ତନ ଘଟେ । ପୁନଶ୍ଚ ଶିଶୁଛ' ସାତ ବର୍ଷ ବୟସ ହୋଇଥିବା ସମୟରେ ମସ୍ତିଷ୍କର ପରିବର୍ତ୍ତନ ଘଟେ । ପରିବର୍ତ୍ତିତ ମସ୍ତିଷ୍କ ଆଖିଆଗରେ ନ ଥିବା ବସ୍ତୁର ଚିନ୍ତନ କରିବାରେ ସମର୍ଥ ହୁଏ । ଏଥିପାଇଁ ବିଶେଷଜ୍ଞମାନେ ଶିଶୁର ଛ'ବର୍ଷ ବୟସ ସୀମାକୁ ଔପଚାରିକ ଶିକ୍ଷାର ଅରମ୍ଭକାଳ ରୂପେ ଗ୍ରହଣ କରିବାର ପରାମର୍ଶ ଦେଇଛନ୍ତି ଏବଂ ସବୁଦେଶରେ ଏପରି ବିଶେଷଜ୍ଞ ପରାମର୍ଶ ଅନୁମୋଦିତ ହୋଇଛି ।

ତୃତୀୟ ଥର ମସ୍ତିଷ୍କର ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ କିଶୋରକାଳରେ ଘଟିଥାଏ । ମନୋବିଜ୍ଞାନୀ ଓ ସ୍ନାୟୁବିଜ୍ଞାନୀମାନେ ଏହି ରୂପାନ୍ତରର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଏହାକୁ ଏକ ନୂତନ ରାଜପଥ ନିର୍ମାଣ ସହ ତୁଳନା କରିଛନ୍ତି । ସେମାନେ କୁହନ୍ତି ଯେ, ଗୋଟିଏ ନୂତନ ରାଜପଥର ନିର୍ମାଣ ସମୟରେ ପୁରାତନ ରାଜପଥଟିକୁ ଭାଙ୍ଗି ଦିଆଯାଏ ଏବଂ ଗମନାଗମନ ପାଇଁ ଏକ ଅସ୍ଥାୟୀ ରାସ୍ତା ତିଆରି କରାଯାଏ । କହିବା ଅନାବଶ୍ୟକ ଯେ ଏପରି ଅସ୍ଥାୟୀ ରାସ୍ତା ବା ଡାଇଭର୍‌ସନ୍ ରୋଡ୍ ମଜଭୁତ୍ ନୁହେଁ । ସୁତରାଂ ଏହା ଉପର ଦେଇ ମୋଟର ଗାଡ଼ି ଏବଂ ଅନ୍ୟସବୁ ଭାରି ଗାଡ଼ି ଯିବା ସମୟରେ କିଛିଟା ଦୋଳନ କିଛିଟା ଅସ୍ଥିରତା ସୃଷ୍ଟି ହେବା ସ୍ୱାଭାବିକ । ଠିକ୍ ସେହିପରି କିଶୋର କିଶୋରୀମାନେ ଏପରି ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ ମନରେ ଓ ଆଚରଣରେ ବିଚ୍ୟୁତି ରହିବା ସ୍ୱାଭାବିକ ।

ଏହାକୁ ଲକ୍ଷ୍ୟ କରି ମନୋବିଜ୍ଞାନୀମାନେ କୁହନ୍ତି ଯେ, କିଶୋର କିଶୋରୀମାନଙ୍କର ଶରୀର ଯୁବକ ବା ଯୁବତୀ ହେଲେ ମଧ୍ୟ ମାନସିକ ସ୍ତରରେ ସେମାନେ ପିଲା । ଏପରି ମାନସିକତା ଫଳରେ ସେମାନଙ୍କ ଚିନ୍ତା ଓ ଭାବନାରେ ଅପରିପକ୍ୱତା ପ୍ରତିଫଳିତ ହେବା ସ୍ୱାଭାବିକ । ଏହି ବିଜ୍ଞାନସମ୍ମତ ସିଦ୍ଧାନ୍ତକୁ ଭିତ୍ତି କରି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ, ୧୮ ବର୍ଷରୁ କମ୍ କିଶୋର କିଶୋରୀମାନେ ଅପରାଧଜଡ଼ିତ ହେଉଥିଲେ ସେମାନଙ୍କୁ କାରାଗର ନ ପଠାଇ ସଂଶୋଧନାଗାରକୁ ପଠାଇବା ଯୁକ୍ତିଯୁକ୍ତ ହେବ । ଏଭଳି ପରାମର୍ଶ ପ୍ରାୟ ସବୁଦେଶରେ ଗ୍ରହଣ କରାଯାଇଛି ।



ଅପରାଧ-ପ୍ରବଣତାର ସମ୍ବନ୍ଧ

ଶରୀର ଓ ମନ ବିକାଶର ଅନ୍ୟ ଗୋଟିଏ ଦିଗ ମଧ୍ୟ ଅପରାଧ-ପ୍ରବଣତା ସହିତ ସମ୍ବନ୍ଧିତ । ମନୁଷ୍ୟର ବେକ ପାଖରେ ରହିଛି ବୃନ୍ତ ମସ୍ତିଷ୍କ ଯେଉଁଠାରେ ମେରୁମଜ୍ଜା ବା ସ୍ପାଇନାଲ୍ କଡ୍‌ର୍ ଶେଷ ହୋଇଛି ଏବଂ ମସ୍ତିଷ୍କ ଆରମ୍ଭ ହୋଇଛି । ଏହି ବୃନ୍ତମସ୍ତିଷ୍କର ଲିମ୍ବିକ୍ ମଣ୍ଡଳରେ ଦୁଇଟି ସ୍ନାୟୁକେନ୍ଦ୍ର ରହିଛି । ଗୋଟିକର ନାମ ଆମିଗ୍‌ଡାଲା । ଏହା ଅଲମଣ୍ଡ ପରି ଦିଶୁଥିବାରୁ ଏହାର ଏପରି ନାମକରଣ କରାଯାଇଛି । ଏହା ମୁଖ୍ୟତଃ ମନୁଷ୍ୟର ନକାରାତ୍ମକ ଆବେଗକୁ (ବିଶେଷତଃ ଭୟ) ନିୟନ୍ତ୍ରଣ କରେ । ଅନ୍ୟ ଅଂଶଟିର ନାମ ହିପୋକ୍ୟାମ୍ପସ । ଏହା ନକାରାତ୍ମକ ସ୍ମୃତିର ଭଣ୍ଡାର । ମୋଟ ଉପରେ ଆମିଗଡାଲା ଓ ହିପୋକ୍ୟାମ୍ପସ୍‌କୁ ଜୀବନର ଖଳନାୟକ କୁହାଯାଇପାରେ ।

କୌତୂହଳର ବିଷୟ ଯେ, କିଶୋର କିଶୋରୀମାନଙ୍କର ଅଗ୍ରମସ୍ତିଷ୍କର ବିକାଶ ପୂର୍ବରୁ ଏ ଦୁଇଟି ଅଂଶ ବିକଶିତ ହୁଏ । ଏହାର ତାତ୍ପର୍ଯ୍ୟ ହେଉଛି ଯେ ଭାବନାର ବିକାଶ ପୂର୍ବରୁ ଆବେଗର ବିକାଶ ଘଟେ । ଏହା ଫଳରେ ଯୁବଗୋଷ୍ଠୀ ସଂଭାବନା ଚାଳିତ ହେବା ଅପେକ୍ଷା ଅଧିକ ପରିମାଣରେ ଆବେଗ କବଳିତ ହୋଇପଡ଼ନ୍ତି । ଆବେଗର ତାଡ଼ନାରେ କେତେକ ଅବାଞ୍ଛିତ ଅକରଣୀୟ କାର୍ଯ୍ୟ କରିବାର ପ୍ରବଣତା ବୃଦ୍ଧିପାଏ ।

ଆଲୋଚିତ କାରଣଗୁଡ଼ିକ ମାନସିକ ଓ ସ୍ନାୟବିକ ସ୍ତରରେ ଅପରାଧ ପ୍ରବଣତା ସୃଷ୍ଟି କରିବାର ସମ୍ଭାବନା ଥିଲେ ମଧ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ଅପରାଧବୃଦ୍ଧିର କାରଣ ସଂପର୍କରେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ପ୍ରକୃତରେ ବର୍ତ୍ତମାନର ଜୀବନଶୈଳୀ ସଂପର୍କିତ ଦୁଇଟି ମୁଖ୍ୟ କାରଣ ପ୍ରଣିଧାନର ବିଷୟ ।

ସାମ୍ପ୍ରତିକ କାରଣ

ବର୍ତ୍ତମାନ କିଶୋର କିଶୋରୀଙ୍କ ବିଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ବହୁଳ ଭାବରେ ପିତାମାତା ଏବଂ ଅଭିଭାବକ ଗୋଷ୍ଠୀ ଦାୟୀ । ପିଲାମାନଙ୍କର ବିକାଶ ସମୟରେ ପିତାମାତାଙ୍କର ପରିପାଳନ ଶୈଳୀ ହିଁ ପିଲାର ବ୍ୟକ୍ତିତ୍ୱ ଗଠନ କରିଥାଏ । ଯେଉଁ ପରିପାଳନ ଭଙ୍ଗୀ କିଶୋର କିଶୋରୀମାନଙ୍କର ସର୍ବାଧିକ ସୁସାମଞ୍ଜସ ବିକାଶରେ ସହାୟକ ହୁଏ, ତାହା ହେଉଛି ନିୟନ୍ତ୍ରଣ ଓ ସ୍ୱାଧୀନତା ମଧ୍ୟରେ ସମନ୍ୱୟ । ଏହାର ତାତ୍ପର୍ଯ୍ୟ ହେଉଛି ଯେ ପିତାମାତା ବା ଅଭିଭାବକ ପିଲାଟିକୁ କିଛି ପରିମାଣରେ ସ୍ୱାଧୀନତା ଦେବେ । ସବୁବେଳେ 'କର' କିମ୍ବା 'କରନାହିଁ'ର ଶିକୁଳିରେ ବାନ୍ଧି ରଖିବେ ନାହିଁ । ସ୍ୱାଧୀନତା ଦେଲେ ମଧ୍ୟ ଅନୁଶାସନ ବା ନିୟନ୍ତ୍ରଣ ଯେ ରହିବ ନାହିଁ, ଏ କଥା ନୁହେଁ । ବଡ଼ ବଡ଼ ପ୍ରସଙ୍ଗ ଉପରେ ପିତାମାତାଙ୍କର ନିୟନ୍ତ୍ରଣ ରହିବ । ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକା ଏକା ନିଷ୍ପତ୍ତି ନେବା ପାଇଁ ପିଲାଟିର ପରିପକ୍ୱତା ଆସିନାହିଁ, ଏ କଥା ପିଲା ବୁଝିବ ଏବଂ ପିତାମାତା ମଧ୍ୟ ବୁଝାଇବେ ।

ଅନୁଶାସନର ଅର୍ଥ ବା ଶୃଙ୍ଖଳା ବିଧାନର ଅର୍ଥ ଶାରୀରିକ ଶାସ୍ତିବିଧାନ ନୁହେଁ । ପିଲାଟିଏ ଅମାନିଆ ହୋଇ ହାତନଧୋଇ ଖାଇବସିଲେ ମା' ଚାପୁଡ଼ା ମାରିବେ ନାହିଁ । କିନ୍ତୁ ପିଲାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇପାରିବେ- "ହାତ ନ ଧୋଇ ଖାଇ ବସିଲେ ତୁ ମୋ ସହିତ ଖାଇପାରିବୁ ନାହିଁ ।" ସ୍ଥୂଳତଃ ଅନୁଶାସନ ବା ଶୃଙ୍ଖଳା ବିଧାନର ଅର୍ଥ ଶାରୀରିକ ଶାସ୍ତିବିଧାନ ନୁହେଁ । ଅବାଞ୍ଛିତ ଜିନିଷ କରିବସିଲେ ପିଲାଟି ଯେ କିଛି ସୁବିଧା ସୁଯୋଗ ହରାଇବ, ଏପରି ସ୍ପଷ୍ଟ ଧାରଣା କିଶୋର କିଶୋରୀ ପାଇବା ଉଚିତ ।

ବର୍ତ୍ତମାନ ପରିସ୍ଥିତିରେ ପିତାମାତା କିମ୍ବା ଅଭିଭାବକ ଆଉ ଗୋଟିଏ ବିରାଟ ଭୁଲ୍ କରି ବସୁଛନ୍ତି । ଏବେ ମନସ୍ତତ୍ତ୍ୱବିଦ୍‌ମାନେ ଏହାକୁ ଅଭିଭାବକୀୟ ମାନସିକ ବିକୃତି ଆଖ୍ୟା ଦେଇଛନ୍ତି । ଏହା ହେଉଛି ମାତ୍ରାଧିକ ନିୟନ୍ତ୍ରଣ ଶୈଳୀ । ପିଲାମାନଙ୍କୁ ଶିକ୍ଷା ଦେଇ ରୋଜଗାରକ୍ଷମ କରିବା ପରେ ସେମାନଙ୍କୁ ଦୁଇଟି ରାସ୍ତା ବ୍ୟତୀତ ଅନ୍ୟ କିଛି ଦିଶୁନାହିଁ । ଗୋଟିଏ ହେଉଛି ଏମସ୍‌ର ଡାକ୍ତର ଏବଂ ଅନ୍ୟଟି ହେଉଛି ଆଇଆଇଟି ଇଂଜିନିୟର୍ । ଏପରି ପେସା ଅନ୍ୱେଷଣର ପ୍ରସ୍ତୁତିରେ ସାମାନ୍ୟ ଯେ ବିଚ୍ୟୁତି ପିତାମାତା ସହ୍ୟ କରୁନାହାନ୍ତି । ନାନାପ୍ରକାର କୁକଥା କହି ପିଲାକୁ ଭର୍ତ୍ସନା କରାଯାଉଛି । ତୋ ଦ୍ୱାରା କିଛି ହେବ ନାହିଁ; ତୁ ଗୋଟିଏ

ଅପଦାର୍ଥ—
"ଏହିପରି କଠିନ ବର୍ଜନସୂଚକ ଗାଳି ପିଲାଟିକୁ ଶୁଣିବାକୁ ହେଉଛି ।" ଆତ୍ମହେୟତାର ବିଷ ପିଲାର ମନପ୍ରାଣରେ ପ୍ରସରି ଯାଉଛି ।

ପିତାମାତା ଓ ଅଭିଭାବକ ଗୋଷ୍ଠୀ ସ୍ମରଣ ରଖିବା ଉଚିତ ଯେ ବର୍ତ୍ତମାନ କେତେକ କ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ବୃତ୍ତି ବା ପେସାଗତ ଚୟନର ବଳୟ ବହୁ ପ୍ରସାରିତ ହୋଇଛି । ଚିକିତ୍ସାର କ୍ଷେତ୍ର ହେଉ ଅଥବା ଇଂଜିନିୟରିଂ କ୍ଷେତ୍ର ହେଉ, ବିଭିନ୍ନ ଧରଣର ସହାୟକ କାର୍ଯ୍ୟକୌଶଳର ଶିକ୍ଷା ଓ ପେସାର ଅଭ୍ୟୁଦୟ ଘଟିଛି । କିଶୋର କିଶୋରୀ ସେମାନଙ୍କ ସାମର୍ଥ୍ୟ ଓ ପରିବେଶକୁ ଚାହିଁ କୌଣସି ଏକ ବୃତ୍ତି ଆପାଣାଇ ନେଇପାରିବେ । ସୁତରାଂ ଯୁବଗୋଷ୍ଠୀ ଓ ଅଭିଭାବକୀୟ ଗୋଷ୍ଠୀ ବ୍ୟର୍ଥତାର ଆଶଙ୍କା ନ କରି ଆଶା ଓ ସଫଳତାର ଶୁଭସଂକେତ ଦେଖିବା ଉଚିତ୍ ।

ଯୁବ ଅପରାଧକୁ ତ୍ୱରାନ୍ୱିତ କରୁଥିବା କିଶୋରକାଳୀନ ଆଉ ଏକ ଅସ୍ୱଭାବିକ ବ୍ୟବହାର ହେଉଛି ଆତ୍ମସଂଯମର ଅଭାବ, ଆବେଗ ନିୟନ୍ତ୍ରଣର ଅଭାବ । ଏହା ଏକ ଅକାଟ୍ୟ ସିଦ୍ଧାନ୍ତ ଯେ ଆବେଗ ନିୟନ୍ତ୍ରଣର ଅଭାବ ବିଭିନ୍ନ ଧରଣର ଅପରାଧକୁ ଜନ୍ମଦିଏ । ପୂର୍ବରୁ ସୂଚିତ କରାଯାଇଛି ଯେ କେତେକ ଶରୀରଭିତ୍ତିକ (ମସ୍ତିଷ୍କଗତ) କାରଣରୁ ଯୁବଗୋଷ୍ଠୀ ଆବେଗଚାଳିତ ହେବାର ସମ୍ଭାବନା ଥାଏ । ମାତ୍ର ଏବେ ଏହା ବହୁଗଣିତ ହୋଇ ପ୍ରକାଶ୍ୟ ରୂପ ନେବାରେ ଯେଉଁସବୁ ଉପଦାନ ସକ୍ରିୟ ଭୂମିକା ସେଥିମଧ୍ୟରୁ ଦୁଇଟି ଠେଲକ ବା ଟ୍ରିଗର ହେଉଛି ମୋବାଇଲ୍ ନିଶା ଏବଂ ନିଶାସେବନ (ବିଶେଷତଃ ମଦ୍ୟପାନ) । ଏ ଦୁଇଟି ନିଶା ଏବେ ଏତେମାତ୍ରାରେ ବୃଦ୍ଧିପାଇଛି ଯେ କିଶୋରକିଶୋର ଏବଂ ଯୁବଗୋଷ୍ଠୀ ନିଜର ଆବେଗ ଉପରେ ଅଙ୍କୁଶ ରଖିବାରେ ବିଫଳ ହେଉଛନ୍ତି ।

ଏଠାରେ ସାମ୍ପ୍ରତିକ ଜୀବନର ଗୋଟିଏ ଦୁର୍ଗତିର ସୂଚନା ଦେବା ଆବଶ୍ୟକ ମନେହୁଏ । ସମଗ୍ର ବିଶ୍ୱରେ ଯେଉଁ ମାର୍ଗଦର୍ଶିକା ପୁସ୍ତକ ମାଧ୍ୟମରେ ଜନବସତିରେ ମାନସିକ ବିକୃତି କିମ୍ବା ଅସ୍ୱଭାବିକ ବ୍ୟବହାରର ଚିହ୍ନଟ କରାଯାଏ, ସେଥିରେ ମୋବାଇଲ୍ ନିଶା ସ୍ଥାନ ପାଇନଥିଲା । ମାତ୍ର ସମଗ୍ର ବିଶ୍ୱରେ ପରିବର୍ତ୍ତିତ ପରିବେଶକୁ ଚାହିଁ "ମୋବାଇଲ୍ ନିଶା" ସ୍ଥାନିତ କରାଯାଇଛି । ମୋବାଇଲ୍ ନିଶାର କୁପରିଣତି କେବଳ ସମୟର ଅପଚୟ ନୁହେଁ । ଏହା ଆବେଗ ନିୟନ୍ତ୍ରଣହୀନତାର ଏକ ସ୍ପଷ୍ଟ ସୂଚକ । ନିଜର ପ୍ରିୟ ବା ମୁଖ୍ୟ କାର୍ଯ୍ୟରେ ଅନାଗ୍ରହ ସୃଷ୍ଟିକରିବା ସହିତ ଏହା ଆତ୍ମନିୟନ୍ତ୍ରଣର କଳାକୌଶଳକୁ ମଧ୍ୟ ବିପର୍ଯ୍ୟସ୍ତ କରେ । ଫଳରେ ଏପରି ନିଶାଗ୍ରସ୍ତ ପିଲାମାନେ କୌଣସି ଏକ କାର୍ଯ୍ୟକୁ ଅପରାଧ ବୋଲି ଜାଣୁଥିଲେ ମଧ୍ୟ ସେଥିରୁ ନିଜକୁ ଦୂରେଇ ନେଇପାରନ୍ତି ନାହିଁ । ଏହା ସହିତ ବିଭିନ୍ନ ନିଶାଦ୍ରବ୍ୟର ସେବନ (ବିଶେଷତ ମଦ୍ୟପାନ) ଅପରାଧ ପ୍ରବଣତାକୁ ବହୁଗୁଣିତ କରିଛି । ଏପରିସବୁ ଅବାଞ୍ଛିତ ବ୍ୟବହାରର କ୍ରମବର୍ଦ୍ଧନ ସହିତ ଯୁବ-ଅପରାଧ ଯେ ସମାନ ତାଳଦେଇ ବୃଦ୍ଧି ପାଉଛି ଏବଂ ଆମର ସାମୂହିକ ଜୀବନକୁ ବିଷବଳୟରେ ରୂପାନ୍ତରିତ କରିଛି, ଏଥିରେ ସନ୍ଦେହ ନାହିଁ ।

ସମସ୍ୟାଟି ବିଶେଷ ଜଟିଳ ହେଲେ ମଧ୍ୟ ସମାଧାନର ମାର୍ଗ ଯେ ଅବରୁଦ୍ଧ, ଏହା କୁହାଯିବ ନାହିଁ । ଏକ ସଂଶୋଧନକାରୀ ପିଢ଼ି ହିସାବରେ ପ୍ରଥମ ପଦକ୍ଷେପ ପିତାମାତା ଓ ବୟସ୍କ ଲୋକମାନଙ୍କୁ ନେବାକୁ ପଡ଼ିବ । କିଶୋର କିଶୋରୀ ଏବଂ ଯୁବଗୋଷ୍ଠୀକୁ ଘୋଡ଼ାଦୌଡ଼ରେ ବାଜି ନ ଲଗାଇ ସ୍ଥିର ମସ୍ତିଷ୍କରେ ପରିଚାଳନା କରିବାକୁ ହେବ । ମନେରଖିବାକୁ ହେବ ଯେ ପିଲାମାନଙ୍କର ଶିକ୍ଷାବିକାଶ ଓ ପେସା ଅନ୍ୱେଷଣରେ ସେମାନେ ମାର୍ଗଦର୍ଶକ ଏବଂ ପରାମର୍ଶଦାତା । ସେମାନେ ମାଲିକ ନୁହଁନ୍ତି କି ପିଲାମାନେ ଗୋତିଶ୍ରମିକ ନୁହଁନ୍ତି । ଏକ ପ୍ରଶସ୍ତ ମନ ଓ ଉଦାର ଦୃଷ୍ଟିଭଙ୍ଗୀ ନେଇ ପରିପାଳନ ଭଙ୍ଗୀ ରୂପ ନେବ । ପିଲାମାନଙ୍କୁ କେବଳ ପ୍ରତିଦ୍ୱନ୍ଦ୍ୱିତାର ମନ୍ତ୍ର ନ ଶିଖାଇ ସହଯୋଗର ମନ୍ତ୍ର ଶିକ୍ଷାଦେବାକୁ ହେବ । ପିଲାମାନଙ୍କୁ ନିଶାମୁକ୍ତ କରିବା ପୂର୍ବରୁ ନିଜକୁ ନିଶାମୁକ୍ତ କରିବାକୁ ହେବ । ନିଜର ମୋବାଇଲ୍ ଓ ଅନ୍ୟ ନିଶା ଜାବୋଡ଼ି ଧରି ପିଲାମାନଙ୍କୁ ଶିକ୍ଷାଦେବା ଅର୍ଥହୀନ । କେତେକ ପରିବର୍ତ୍ତନ ଯେପରି ପିଲାମାନଙ୍କଠାରୁ ଆରମ୍ଭ ହେବ, ଅନ୍ୟ କେତେକ ପରିବର୍ତ୍ତନ ସେହିପରି ଉପରସ୍ତରରୁ ଆରମ୍ଭ ହେବ । ଏହାହିଁ ଆଶାର ସଂକେତ ଏବଂ ଭରସାର ସୂଚକ । ■

ମୋ: ୯୪୩୭୧୨୨୨୭୯

ଡକ୍ଟର ଅନ୍ତର୍ଜିତା ନାୟକ

ଆଜିକା ଦିନରେ, ଶିଶୁମାନଙ୍କ ଆଚରଣ ଏବଂ ବ୍ୟାବହାରିକ ପରିଦୃଶ୍ୟରେ ଏକ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଅଭିଭାବକ, ଶିକ୍ଷକ ଏବଂ ନୀତି ନିର୍ଦ୍ଧାରକମାନେ ସ୍କୁଲ ଯାଉଥିବା ପିଲାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଜିଦିଆପଣ, ଆକ୍ରମଣାତ୍ମକତା, ଅବଜ୍ଞା ଏବଂ ହିଂସାତ୍ମକ ପ୍ରବୃତ୍ତି ସମ୍ବନ୍ଧରେ ଅଧିକ ଚିନ୍ତା ବ୍ୟକ୍ତ କରୁଛନ୍ତି । ଶ୍ରେଣୀଗୃହରେ ବାଧା ସୃଷ୍ଟି କରିବା, ସ୍କୁଲ ବ୍ୟାଗ୍‌ରେ ହାତହତିଆର ଆଣିବା, ଶାରୀରିକ ଝଗଡ଼ା, ପ୍ରାଣଘାତୀ ଧମକ, ଶିକ୍ଷକମାନଙ୍କ ପ୍ରତି ମୌଖିକ ଅସମ୍ମାନ, ସାଇବର ଧମକ ଭଳି ଘଟଣା, ଯାହା ପୂର୍ବରୁ ବିରଳ ବା ଜମା ନଥିଲା କହିଲେ ଚଳିବ, ତାହା ଆଜି ଚିନ୍ତାଜନକ ସମସ୍ୟା ହୋଇଯାଇଛି ।

କିଶୋର ହିଂସା ଉଚ୍ଚାରଣ ଓ ଆଚରଣ

ଏକ ସତର୍କ ସଙ୍କେତ

ଗବେଷଣାତ୍ମକ ତଥ୍ୟ

ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ, ଭାରତୀୟ ପିଲାମାନଙ୍କର ଏକ ବିଶାଳ ଅଂଶ କୌଣସି ନା କୌଣସି ଭାବପ୍ରବଣ କିମ୍ବା ଆଚରଣଗତ ସମସ୍ୟାରେ ଜଡ଼ିତ । କିଛି ବିଦ୍ୟାଳୟ ଭିତ୍ତିକ ଅଧ୍ୟୟନ ସୂଚନା ଦିଏ ଯେ, ମାନସିକ କିମ୍ବା ଆଚରଣ ସମ୍ବନ୍ଧୀୟ ଚିନ୍ତାର ପ୍ରସାର ୨୦ପ୍ରତିଶତରୁ ଅଧିକ । କିନ୍ତୁ, କମ୍ ରିପୋର୍ଟିଂ, ସାମାଜିକ କଳଙ୍କ ଏବଂ ସୀମିତ ଚିହ୍ନଟ ପ୍ରଣାଳୀ ହେତୁ ବାସ୍ତବ ପ୍ରସାର ତାହାଠାରୁ ଅଧିକ ହୋଇପାରେ । ପିଲାମାନଙ୍କ ହିଂସାର ରୂପ ବିଭିନ୍ନ ମନୋବୈଜ୍ଞାନିକ ଏବଂ ଆଚରଣଗତ ସମସ୍ୟା ରୂପେ ପ୍ରକାଶ ପାଏ । ଶାରୀରିକ ଆକ୍ରମଣ, ଯେପରି ସାଥୀମାନଙ୍କୁ ମାରିବା, ଧକ୍କା ଦେବା, ଲାତ ମାରିବା କିମ୍ବା ଶାରୀରିକ ଭାବେ ଭୟଭୀତ କରିବା, ସବୁଠାରୁ ବେଶି ଦୃଶ୍ୟମାନ । ଏହା ସହିତ, ମୌଖିକ ଆକ୍ରମଣ, ଯେପରି ଚିତ୍କାର କରିବା, ଅପମାନଜନକ ଭାଷା କହିବା, ଧମକ ଦେବା ଇତ୍ୟାଦି ବୟସ ନିର୍ବିଶେଷରେ ଉଭୟ ସାଥୀ ଏବଂ ଶିକ୍ଷକ ସମ୍ପର୍କରେ ଅଧିକ ସାଧାରଣ ଭାବେ ପରିଲକ୍ଷିତ ହୋଇଆସୁଛି । ଶିକ୍ଷାଗତ ଏବଂ ବ୍ୟାବହାରିକ ଗବେଷଣା ଏହା ଦର୍ଶାଏ ଯେ, ଜିନିଷ ଫିଙ୍ଗିବା, ଭଙ୍ଗାରୁଜା କରିବା ଏବଂ ଇଚ୍ଛାକୃତ ଭାବରେ ନିୟମ ଉଲ୍ଲଂଘନ କରିବା ଭଳି ବିନାଶକାରୀ ଆଚରଣ ମଧ୍ୟ ଆକ୍ରମଣର ଅତିରିକ୍ତ ରୂପ ଭାବେ ଦେଖାଯାଉଛି । ଶିଶୁ ମନୋବିଜ୍ଞାନ ଏହା ମଧ୍ୟ ସୂଚାଏ ଯେ, ପିଲାମାନଙ୍କ ଆକ୍ରମଣ ଧୀରେ ଧୀରେ ଦୃଶ୍ୟମାନ ହିଂସାରୁ ଅଧିକ ସୂକ୍ଷ୍ମ ରୂପକୁ ଗତି କରୁଛି, ଯେପରି ସାଇବର ଧମକ, ଡିଜିଟାଲ୍ ନିର୍ଯାତନା ଏବଂ ଅନଲାଇନ୍ ଅପମାନ । ଏନ୍‌ସିଇଆର୍‌ଟି ଏବଂ ୟୁନିସେଫ୍-ଇଣ୍ଡିଆ ଦ୍ୱାରା କରାଯାଇଥିବା ଅଧ୍ୟୟନ ଦର୍ଶାଏ ଯେ, ଉପର ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଶ୍ରେଣୀଗୃହ ଅନୁଶାସନହୀନତା, ସାଥୀମାନଙ୍କ ମଧ୍ୟରେ ସଂଘର୍ଷ ଏବଂ ଧାନ ସମ୍ବନ୍ଧୀୟ ବିଶୃଙ୍ଖଳା ବୃଦ୍ଧି ପାଉଛି । ଏନ୍‌ସିଆର୍‌ବିର 'କ୍ରାଇମ୍ ଇନ୍ ଇଣ୍ଡିଆ' ରିପୋର୍ଟ ସୂଚାଏ ଯେ ଗତ ଦଶକରେ କିଶୋରମାନଙ୍କ ହିଂସାତ୍ମକ ଅପରାଧ ବୃଦ୍ଧି ପାଇଛି । ସମଗ୍ର ଭାବେ ବିଚାର କଲେ, ଏହି ଧାରା ଏହା ସୂଚାଏ ଯେ, ପିଲାମାନଙ୍କ ମଧ୍ୟରେ ବଢୁଥିବା ଅସଦାଚରଣ କେବଳ ଶୃଙ୍ଖଳା ଅବନତିର ପ୍ରଶ୍ନ ନୁହେଁ, ବରଂ, ଏହା ଭାବପ୍ରବଣ ଯନ୍ତ୍ରଣା, ବିକାଶଗତ ସମ୍ବେଦନଶୀଳତା, ଦ୍ରୁତ ସାମାଜିକ ପରିବର୍ତ୍ତନ ଏବଂ ଢାଞ୍ଚାଗତ ଅସମାନତାର ଜଟିଳ ପାରସ୍ପରିକ କ୍ରିୟାକୁ ପ୍ରତିଫଳିତ କରେ ।

ବଢୁଥିବା ପିଲାଙ୍କର ଅଶୋଭନୀୟ ଆଚରଣ ବା ବ୍ୟବହାରକୁ ଦେଖି, ଆମେ ସାଧାରଣ ଭାବରେ କହିବା ଯେ, ଏହା 'ଖରାପ ପେରେଣ୍ଟିଂ', 'ଶୃଙ୍ଖଳାର ଅଭାବ' କିମ୍ବା 'ମୋବାଇଲ୍ ଫୋନ୍ ନିଶା' ଭଳି କାରଣ ପାଇଁ ହେଉଛି । କିନ୍ତୁ ବାସ୍ତବତା ଏହାଠାରୁ ଅଧିକ ଜଟିଳ, ଯାହା ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ସାମାଜିକ-ଆର୍ଥିକ, ସାଂସ୍କୃତିକ ଏବଂ ସଂସ୍ଥାଗତ ପରିପ୍ରେକ୍ଷ୍ୟ ସହ ଗଭୀର ଭାବରେ ସଂପୃକ୍ତ । ବଦଳୁଥିବା ପାରିବାରିକ ଢାଞ୍ଚା, ସବୁଥିରେ ପ୍ରଥମ ହେବାକୁ ନିରନ୍ତର ପ୍ରତିସ୍ପର୍ଦ୍ଧା, ଛୋଟବେଳୁ ଡିଜିଟାଲ୍ ଜଗତରେ ନିମଜ୍ଜନ, ସାମାଜିକ ତୁଳନାର ଚାପ ଏବଂ ଭାବନାତ୍ମକ ଏକାକୀପଣ, ସାମୂହିକ ଭାବରେ ପିଲାଙ୍କ ମଧ୍ୟରେ ବଢୁଥିବା ବ୍ୟାବହାରିକ ସମସ୍ୟା ଲାଗି ଦାୟୀ । ଏହି ପରିପ୍ରେକ୍ଷୀରେ, ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଅସଦାଚରଣ ବା ଦୁର୍ବ୍ୟବହାରକୁ କେବଳ ନୈତିକ ଅବନତି ଭାବେ ନୁହେଁ, ବରଂ ସାମାଜିକ ପରିବର୍ତ୍ତନର ପ୍ରତିଫଳନ ଭାବେ ବୁଝିବା ଅତି ଆବଶ୍ୟକ । ଏହା ପରମ୍ପରା ଓ ଆଧୁନିକତା, ସୁରକ୍ଷା ଓ ଚାପ, ସୁଯୋଗ ଓ ଅନିଶ୍ଚିତତା ମଧ୍ୟରେ ଥିବା ଉତ୍ତେଜନାକୁ ପ୍ରକାଶ କରେ, ଯେଉଁଥିରେ ଆଜିକା ଶୈଶବ ପ୍ରଭାବିତ । ଏହି ପରିବର୍ତ୍ତନକୁ ବୁଝିବା ପାଇଁ ଆମକୁ ବ୍ୟାପକ ଢାଞ୍ଚାଗତ, ମନୋବୈଜ୍ଞାନିକ ଏବଂ ସଂସ୍ଥାଗତ ପରିବର୍ତ୍ତନର ପ୍ରସଙ୍ଗରେ ଏହାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ତା' ସହିତ ଶିକ୍ଷା ପରିବେଶ, ସାମାଜିକ ସମନ୍ୱୟ ଏବଂ ଭବିଷ୍ୟତ ମାନବପୁଞ୍ଜିର ବିକାଶ ଉପରେ ଏହାର ଦୀର୍ଘକାଳୀନ ପ୍ରଭାବକୁ ମଧ୍ୟ ଗଭୀର ଭାବରେ ଅଧ୍ୟୟନ କରିବା ଆବଶ୍ୟକ । ଦୋଷାରୋପ କରିବା ପରିବର୍ତ୍ତେ, ଶିଶୁ ଦୁର୍ବ୍ୟବହାରକୁ ଏକ ଚେତାବନୀର ସଙ୍କେତ ଭାବେ ଦେଖିବା ଜରୁରି, ଯାହା ପାଇଁ ପାରିବାରିକ ବ୍ୟବସ୍ଥା, ଶିକ୍ଷା ନୀତି, ମାନସିକ ସ୍ୱାସ୍ଥ୍ୟ ଢାଞ୍ଚା ଏବଂ ସାମାଜିକ-ସାଂସ୍କୃତିକ ସଂସ୍ଥାଗୁଡ଼ିକର ସମନ୍ୱିତ ଏବଂ ସଚେତନ ପ୍ରତିକ୍ରିୟା ଆବଶ୍ୟକ ।

ପାରିବାରିକ ଢାଞ୍ଚାରେ ପରିବର୍ତ୍ତନ

ପାରମ୍ପରିକ ଯୌଥ ପରିବାର ବ୍ୟବସ୍ଥା, ଯାହା ପୂର୍ବେ ଭାବନାତ୍ମକ ସମର୍ଥନ, ସାମୂହିକ ଶୃଙ୍ଖଳା ଏବଂ ବହୁ-ପିଢ଼ିୟ ନିର୍ଦ୍ଦେଶନା ପ୍ରଦାନ କରୁଥିଲା, କ୍ରମେ ତାହା ହ୍ରାସ ପାଉଛି । ଏକକ ପରିବାର ପ୍ରଣାଳୀ, ସହରମୁଖୀ ସ୍ଥାନାନ୍ତରଣ ଏବଂ ବର୍ଦ୍ଧିତ ରୋଜଗାର ଉପରେ ନିର୍ଭର କରୁଥିବା ପରିବାର ସହିତ ଶିଶୁ ପାଳନ ପ୍ରକ୍ରିୟାରେ ପରିବର୍ତ୍ତନ ଆସିଛି । ଏନ୍.ଏସ୍.ଏସ୍.ଓ. ଏବଂ ଏନ୍.ଏଫ୍.ଏଚ୍.ଏସ୍. ତଥ୍ୟ ଦର୍ଶାଏ ଯେ, ପିତାମାତାଙ୍କ କାର୍ଯ୍ୟ ସମୟ ଉଲ୍ଲେଖନୀୟ ଭାବେ ବଢ଼ିଛି, ଯାହା ପିତାମାତା ଓ ଶିଶୁଙ୍କ ମଧ୍ୟରେ ଗୁଣାତ୍ମକ ସମୟକୁ କମାଇଛି । ଅନେକ ପରିବାରରେ ଅନୁଶାସନ କେବେ ଅତ୍ୟଧିକ ନିୟନ୍ତ୍ରଣ, ତ କେତେବେଳେ ଅବହେଳା ମଧ୍ୟରେ ଦୋଳାୟମାନ ହୋଇଥାଏ, ଯାହା ପରେ, ଜିଦ୍, ବିରକ୍ତି କିମ୍ବା ଆକ୍ରମଣାତ୍ମକତା ଭାବେ ପ୍ରକଟ ହୁଏ ।

ଜୀବନଶୈଳୀରେ ପରିବର୍ତ୍ତନ

ନୂତନ ଗବେଷଣା, ଆଚରଣଗତ ବିକୃତିକୁ ନିଦ୍ରା ଅଭାବ ଏବଂ ଜୀବନଶୈଳୀର ବ୍ୟାଘାତ ସହିତ ଜଡିତ କରୁଛି । ଭାରତୀୟଛାତ୍ରମାନଙ୍କ ଉପରେ ହୋଇଥିବା ସର୍ବେକ୍ଷଣ ଦର୍ଶାଏ ଯେ, ଡିଜିଟାଲ ଏକ୍ସପୋଜର ଏବଂ ଶୈକ୍ଷଣିକ ଚାପ ହେତୁ ଅନେକ ଛାତ୍ରଛାତ୍ରୀ ଆବଶ୍ୟକ ନିଦ୍ରା ସମୟରୁ କମ୍ ଶୋଇଥା'ନ୍ତି, ଯାହା ସିଧାସଳଖ ଭାବରେ ଆବେଗ ଏବଂ ଆଚରଣ ନିୟନ୍ତ୍ରଣକୁ ପ୍ରଭାବିତ କରେ । ଦୀର୍ଘକାଳୀନ ନିଦ୍ରା ଅଭାବ, ବିରକ୍ତି, ହତାଶା, କ୍ଷମତା ହ୍ରାସ ଏବଂ ଖରାପ ନିଷ୍ପତ୍ତି ନେବା ସହିତ ଗଭୀର ଭାବରେ ସମ୍ବନ୍ଧିତ ।

ଚାପ ଏବଂ ଭୟ-ଆଧାରିତ ବିଦ୍ୟାଳୟ ଶିକ୍ଷା

ଭାରତର ଶିକ୍ଷା ବ୍ୟବସ୍ଥା ଏବେ ବି ପରୀକ୍ଷା-କୈନ୍ଦ୍ରିକ । ଜାତୀୟ ଶିକ୍ଷା ନୀତି-୨୦୨୦ ସତ୍ତ୍ୱେ, ଅଧିକାଂଶ ପିଲାଙ୍କ ପାଇଁ ଶିକ୍ଷା, ପରୀକ୍ଷା ଚାପ ଏବଂ ତୀବ୍ର ପ୍ରତିସ୍ପର୍ଦ୍ଧା ସହ ଜଡ଼ିତ । ଜାତୀୟ ସର୍ବେକ୍ଷଣ ଏବଂ ଛାତ୍ର କଲ୍ୟାଣ ଅଧ୍ୟୟନ ଅନୁଯାୟୀ, ଶୈକ୍ଷଣିକ ଚାପ ଓ ବ୍ୟବହାରଗତ ସମସ୍ୟା ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି । ଯେଉଁ ପିଲାମାନେ ବାରମ୍ବାର ବିଫଳତା କିମ୍ବା ତୁଳନାର ଶିକାର ହୁଅନ୍ତି, ସେମାନେ ପ୍ରାୟତଃ ଅବଜ୍ଞା, ହିଂସା କିମ୍ବା ସାମାଜିକ ବିଚ୍ଛିନ୍ନତା ମାଧ୍ୟମରେ ନିଜ ହତାଶାକୁ ବ୍ୟକ୍ତ କରନ୍ତି । ଏହି ପରିସ୍ଥିତିରେ ଅସଦାଚରଣ, ନୈତିକ ଅବନତି ନୁହେଁ, ବରଂ ଏକ ମୁକାବିଲା ଯନ୍ତ୍ର ଭାବେ ଦେଖାଯାଏ ।

ହ୍ରାସ ପାଉଥିବା ଭାବନାତ୍ମକ ସମର୍ଥନ ପ୍ରଣାଳୀ

ଅନେକ ସମୟରେ ଶିଶୁ ଓ କିଶୋରମାନଙ୍କ ବ୍ୟବହାରଗତ ସମସ୍ୟା, ଅଚିହ୍ନଟ କିମ୍ବା ଅଚିକିତ୍ସିତ ମାନସିକ ସମସ୍ୟା ସହ ଜଡ଼ିତ । ଏକ ଅଧ୍ୟୟନ ଏହା ଦର୍ଶାଏ ଯେ, ପ୍ରାୟ ୬–୩୬% ସ୍କୁଲ ପିଲା, ବ୍ୟବହାରଗତ, ଭାବନାତ୍ମକ ଓ ସାମାଜିକ ସମସ୍ୟାରେ ପ୍ରଭାବିତ, ଯେଉଁଥିରେ ବ୍ୟବହାରଜନିତ ବିକାର ଏବଂ ଅତିସକ୍ରିୟତା ସାଧାରଣ । ଯେତେବେଳେ ପିଲାମାନେ ପରାମର୍ଶ, ସୁରକ୍ଷିତ ଭାବନାତ୍ମକ ଅଭିବ୍ୟକ୍ତିର ଅବସର, କିମ୍ବା ଘର ଓ ବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସଚେତନତାର ଅଭାବ ଅନୁଭବ କରନ୍ତି, ସେମାନଙ୍କ ମନୋବେଦନା ପ୍ରାୟତଃ ଶବ୍ଦରେ ନୁହେଁ, ବରଂ ଆକ୍ରମଣ, ଅବଜ୍ଞା କିମ୍ବା ସାମାଜିକ ପ୍ରତ୍ୟାହାର ମାଧ୍ୟମରେ ପ୍ରକଟ ହୁଏ । ପିଲା, ପିତାମାତା ଏବଂ ବିଦ୍ୟାଳୟ ମଧ୍ୟରେ ଯୋଗାଯୋଗର ଅଭାବ ଆଧୁନିକ ପାରିବାରିକ ଗଠନ କେବଳ ପରସ୍ପର ଲାଗି ସମୟ ଉପଲବ୍ଧତାକୁ କମାଇ ନାହିଁ, ବରଂ ଯୋଗାଯୋଗର ଗୁଣବତ୍ତାକୁ ମଧ୍ୟ ପ୍ରଭାବିତ କରିଛି । ବିଶେଷଜ୍ଞମାନେ ବର୍ତ୍ତମାନ ଏହା ଜୋର୍ ଦେଉଛନ୍ତି ଯେ, ପିତାମାତା, ପିଲା ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଯୋଗାଯୋଗର ଅଭାବ କିଶୋରମାନଙ୍କ ଆକ୍ରମଣାତ୍ମକତା ଏବଂ ଅବଜ୍ଞାପୂର୍ଣ୍ଣ ଆଚରଣର ଏକ ମୁଖ୍ୟ କାରକ । ପିତା-ମାତାଙ୍କ ରକ୍ଷଣାତ୍ମକ ଆଚରଣ, ଯେମିତି ପିଲାର ଭୁଲ ଥାଇ ମଧ୍ୟ, ତାହାକୁ ଅଣଦେଖା କରି କହିବା 'ମୋ ଛୁଆର କିଛି ଭୁଲ ନାହିଁ', 'ମୋ ଛୁଆ କେବେ ଭୁଲ କରିପାରିବ ନାହିଁ', ତାହା ସାଙ୍ଗକୁ ଦୁର୍ବଳ ପିତାମାତା-ଶିକ୍ଷକ ସହଯୋଗ, ଏହି ସମସ୍ୟାକୁ ଆହୁରି ଗଭୀର କରିଦିଏ ।

ସାମାଜିକ-ଆବେଗିକ ଶିକ୍ଷାର ଦୁର୍ବଳ ଏକୀକରଣ

ଯେତେବେଳେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ପାଠ ପଢ଼ି ପରୀକ୍ଷା ଦେଇ ଭଲ ଅଙ୍କ ରଖିବା ଓ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନତି କରିବାରେ ସୀମିତ, ସେତେବେଳେ ଶୈକ୍ଷଣିକ ପ୍ରଣାଳୀରେ ଭାବପ୍ରବଣ ନିୟନ୍ତ୍ରଣ, ସହାନୁଭୂତି, ଦ୍ୱନ୍ଦ୍ୱ ସମାଧାନ କ୍ଷମତା ଏବଂ ଆତ୍ମ-ସଚେତନତାର ଜାଗା ଖୁବ୍ କମ । କିନ୍ତୁ ସକାରାତ୍ମକ ଭାବପ୍ରବଣ ପରିବେଶକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା ବା ବିଦ୍ୟାଳୟ ପରିବେଶ, ଆକ୍ରମଣାତ୍ମକ ଆଚରଣ ଏବଂ ଅନୁଶାସନହୀନ ବ୍ୟବହାର ଘଟଣାକୁ ଉଲ୍ଲେଖନୀୟ ଭାବରେ କମାଇ ପାରିବେ । ତାହାଛଡ଼ା, ବିଦ୍ୟାଳୟଗୁଡ଼ିକ ଆଚରଣଗତ ଆହ୍ୱାନଗୁଡ଼ିକକୁ ମୁକାବିଲା କରିବା ପାଇଁ ଅନେକ ସମୟରେ ଉପଯୁକ୍ତ ଭାବରେ ସମର୍ଥ ନୁହନ୍ତି । ଅଧିକ ଛାତ୍ର-ଶିକ୍ଷକ ଅନୁପାତ, ପ୍ରଶିକ୍ଷିତ ବିଦ୍ୟାଳୟ ପରାମର୍ଶଦାତାଙ୍କ ଅଭାବ ଏବଂ ଅଭିଭାବକଙ୍କର ଅସହଯୋଗ, ଏହି ସମସ୍ୟାକୁ ଅଧିକ ଜଟିଳ କରିଦିଏ । ପ୍ରଶାସନିକ କାର୍ଯ୍ୟ ଏବଂ ପାଠ୍ୟକ୍ରମ ଚାପରେ ରହୁଥିବା ଶିକ୍ଷକମାନେ, ପ୍ରାୟତଃ ଶିଶୁ ମନୋବିଜ୍ଞାନ କିମ୍ବା ଆଘାତ-ସଚେତନ (trauma-informed) ଶିକ୍ଷାଦାନରେ ପ୍ରଶିକ୍ଷଣ ପାଇବାର ସୁଯୋଗ ପାଆନ୍ତି ନାହିଁ । ଫଳସ୍ୱରୂପ, ପ୍ରାରମ୍ଭିକ ସତର୍କ ସଙ୍କେତ- ଯଥା, ନିରନ୍ତର ଜିଦ୍, ଆକ୍ରମଣାତ୍ମକ ଆଚରଣ କିମ୍ବା ସାମାଜିକ ପ୍ରତ୍ୟାହାର ଭଳି ସମସ୍ୟା ଗୁରୁତର ହେବା ପର୍ଯ୍ୟନ୍ତ ଚିହ୍ନଟ ହୋଇପାରେ ନାହିଁ ।

ଡିଜିଟାଲ୍ ଏକ୍ସପୋଜର୍ ଏବଂ ବ୍ୟବହାରଗତ ପ୍ରଭାବ

ବିଶ୍ୱର ସର୍ବାଧିକ ଶିଶୁ ଓ କିଶୋର ଇଣ୍ଟରନେଟ୍ ବ୍ୟବହାରକାରୀ ଦେଶମାନଙ୍କ ମଧ୍ୟରୁ ଭାରତ ଅନ୍ୟତମ । ଅନେକ ରାଜ୍ୟରେ ୭୫% ରୁ ଅଧିକ ପରିବାରରେ ସ୍ମାର୍ଟଫୋନ୍ ପହଞ୍ଚିବା ସହ, ଅନିୟନ୍ତ୍ରିତ ଡିଜିଟାଲ୍ ଏକ୍ସପୋଜର ଅତି ସାଧାରଣ ହୋଇଗଲାଣି । ଗବେଷଣା ଦର୍ଶାଏ ଯେ, ଅତ୍ୟଧିକ ସ୍କ୍ରିନ୍ ସମୟ, ବିଶେଷକରି ହିଂସାତ୍ମକ ଗେମ୍ ଏବଂ ଆଲଗୋରିଦମ୍ ଚଳିତ ସାମାଜିକ ଗଣମାଧ୍ୟମ, ଭାବନାତ୍ମକ ନିୟନ୍ତ୍ରଣ, ଧ୍ୟାନ କ୍ଷମତା ଏବଂ ସମ୍ବେଦନଶୀଳତାକୁ ପ୍ରଭାବିତ କରେ ।

ହିଂସା, ଦ୍ୱନ୍ଦ୍ୱ ଏବଂ ଘରୋଇ ପରିବେଶରେ ଅସ୍ଥିରତା

ଆର୍ଥିକ ସଂକଟ, ଘରୋଇ ଦ୍ୱନ୍ଦ୍ୱ ଏବଂ ହିଂସା, ପିଲାମାନଙ୍କ ଭାବନାତ୍ମକ ସ୍ୱାସ୍ଥ୍ୟକୁ ସିଧାସଳଖ ପ୍ରଭାବିତ କରେ । ଯେଉଁ ପିଲାମାନେ ଘରୋଇ ଦ୍ୱନ୍ଦ୍ୱ, ଅବହେଳା କିମ୍ବା ଅସ୍ଥିର ପରିବେଶର ସମ୍ମୁଖୀନ ହୁଅନ୍ତି, ସେମାନେ ଆକ୍ରମଣାତ୍ମକ ଆଚରଣକୁ ସ୍ୱାଭାବିକ ଭାବେ ଗ୍ରହଣ କରିବା କିମ୍ବା ପ୍ରତିରକ୍ଷାତ୍ମକ ପ୍ରତିକ୍ରିୟା ଭାବେ ବିକଶିତ କରିବାର ସମ୍ଭାବନା ଅଧିକ ଥାଏ । ଅସ୍ଥିର ପରିବେଶରେ ବଞ୍ଚୁଥିବା ପିଲାମାନେ ଭୟ ଓ କ୍ରୋଧକୁ ମନରେ ଧାରଣ କରନ୍ତି, ଯାହାପରେ ହିଂସା, ଅବଜ୍ଞା କିମ୍ବା ବ୍ୟବହାର ପରିବର୍ତ୍ତନରେ ପ୍ରକଟ ହୁଏ ।

ସ୍ନାୟୁବିଜ୍ଞାନ, ଜୈବିକ ଏବଂ ବିକାଶମୂଳକ କାରକ

ଆଚରଣ କେବଳ ସାମାଜିକ କାରକରେ ନୁହେଁ; ଜୈବିକ ଏବଂ ସ୍ନାୟୁ ବିକାଶ ସମ୍ବନ୍ଧୀୟ ମଧ୍ୟ । ଅଧ୍ୟୟନ ଅନୁଯାୟୀ, ଆକ୍ରମଣାତ୍ମକତା ଆବେଗ, ଆନୁବଂଶିକ ପ୍ରବୃତ୍ତି ଏବଂ ହର୍ମୋନ ରୂପାନ୍ତରଣ ସହିତ ଜଡ଼ିତ, ବିଶେଷକରି କିଶୋରାବସ୍ଥାରେ । ଏହିପରି, ଅସଦାଚରଣକୁ କେବଳ ନୈତିକ କିମ୍ବା ଶୃଙ୍ଖଳାଗତ ଭାବରେ ବ୍ୟାଖ୍ୟା କରିବା, ସ୍ନାୟୁ ବିକାଶର ବିବିଧତାକୁ ଅଣଦେଖା କରିଥାଏ ।

ବଦଳୁଥିବା ବାଲ୍ୟ ବ୍ୟବହାର

ଯେଉଁ ପିଲାମାନେ ହିଂସା କିମ୍ବା ଆକ୍ରମଣ ମାଧ୍ୟମରେ ବିବାଦ ସମାଧାନ କରିବା ଶିଖି ବଡ଼ ହୁଅନ୍ତି, ସେମାନେ ପ୍ରାୟତଃ ସେହି ଆଚରଣ ଢାଞ୍ଚାକୁ ବୟସ୍କ ଜୀବନରେ ପ୍ରୟୋଗ କରନ୍ତି, ଯାହା କାର୍ଯ୍ୟସ୍ଥଳ, ପାରିବାରିକ ସମ୍ପର୍କ ଏବଂ ନାଗରିକ ଜୀବନକୁ ପ୍ରଭାବିତ କରେ । ଆର୍ଥିକ ସ୍ତରରେ, ବ୍ୟାବହାରିକ ସମସ୍ୟା ବିଦ୍ୟାଳୟ ଛାଡ଼ିବାର ହାରକୁ ବୃଦ୍ଧି କରେ, ଦକ୍ଷତାର ଅସମନ୍ୱୟ ଏବଂ ଉତ୍ପାଦନଶୀଳତାକୁ ହ୍ରାସ କରେ । ବିଶ୍ୱବ୍ୟାଙ୍କ ଉଲ୍ଲେଖ କରିଛି ଯେ, ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧି ପାଇଁ କେବଳ ଜ୍ଞାନାତ୍ମକ କୌଶଳ ପର୍ଯ୍ୟାପ୍ତ ନୁହେଁ; ସାମାଜିକ-ଆବେଗିକ କୌଶଳ ମଧ୍ୟ ସମାନ ଭାବରେ ଆବଶ୍ୟକ । ସଂସ୍ଥାଗତ ସ୍ତରରେ, କିଶୋର ଅପରାଧ ବୃଦ୍ଧି ଆଇନ ବ୍ୟବସ୍ଥା, ସଂଶୋଧନମୂଳକ ପ୍ରଣାଳୀ ଏବଂ ସାମାଜିକ କଲ୍ୟାଣ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି କରେ । ଯେଉଁ ବ୍ୟାବହାରିକ ସମସ୍ୟାଗୁଡ଼ିକକୁ ପ୍ରାରମ୍ଭିକ ଅବସ୍ଥାରେ ପ୍ରତିରୋଧ କରାଯାଇପାରେ, ସେଗୁଡ଼ିକକୁ ଅଣଦେଖା କରାଗଲେ ପରବର୍ତ୍ତୀ କାଳରେ ତାହା ଗମ୍ଭୀର ରୂପ ଧାରଣ କରେ । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଲା, ପିଲାମାନଙ୍କ ମଧ୍ୟରେ କ୍ରମାଗତ ଭାବନାତ୍ମକ ବିଶୃଙ୍ଖଳା, ଭାରତର ଜନସଂଖ୍ୟକ ଲାଭାଂଶକୁ ବିପଦରେ ପକାଇପାରେ । ଏହା ଏମିତି ଗୋଟିଏ ପିଢ଼ି ସୃଷ୍ଟି କରିପାରେ ଯାହା ଶିକ୍ଷାଗତ ଭାବରେ ଯୋଗ୍ୟ ହେଲେ ମଧ୍ୟ ଭାବପ୍ରବଣ ଭାବରେ ଅସୁରକ୍ଷିତ ଏବଂ ଦୁର୍ବଳ ରହିପାରେ । ଏହି ସମସ୍ୟାର ସମାଧାନ ପାଇଁ ଏକ ମୂଳଭୂତ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆବଶ୍ୟକ । ଏଥିପାଇଁ ଦଣ୍ଡାତ୍ମକ ଶୃଙ୍ଖଳାରୁ ବିକାଶମୂଳକ ବୁଝାମଣାକୁ, ଶୈକ୍ଷଣିକ ସଫଳତାରୁ ସାମଗ୍ରିକ ସୁସ୍ଥତାକୁ, ଏବଂ ପ୍ରତିକ୍ରିୟାଶୀଳ ନିୟନ୍ତ୍ରଣରୁ ପ୍ରତିରୋଧମୂଳକ ଯତ୍ନକୁ ଗତି କରିବା ଆବଶ୍ୟକ । ବିଦ୍ୟାଳୟ ପରାମର୍ଶ ବ୍ୟବସ୍ଥା, ପିତାମାତାଙ୍କ ସଚେତନତା, ଶିକ୍ଷକଙ୍କୁ ତାଲିମ ଏବଂ ଶିଶୁ-କୈନ୍ଦ୍ରିକ ଶିକ୍ଷା ପଦ୍ଧତିରେ ନିବେଶ କରିବା ଜରୁରି, ଯାହା ସାମାଜିକ ସ୍ଥିରତା ଓ ସୁସ୍ଥ ବିକାଶ ପାଇଁ ଏକ ପ୍ରମୁଖ ନିବେଶ । ■

ଗବେଷିକା, ରାଉରକେଲା , ମୋ: ୬୩୭୦୯୦୫୯୪୭

ନାବାଳକ ଅପରାଧ ଓ ସାମାଜିକ ପ୍ରଭାବ

ବୈଷ୍ଣବ ଚରଣ ଦାଶ

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ସେମାନଙ୍କୁ ସଠିକ୍ ଜ୍ଞାନ ପ୍ରଦାନ କରିବା ଆବଶ୍ୟକ। କୁମ୍ଭାର ଯେମିତି କଞ୍ଚା ମାଟିକୁ ଗଢ଼େ, ସେପରି ଆମେ ଆମ ସନ୍ତାନମାନଙ୍କୁ ଯେମିତି ଗଢ଼ିବା ସେମାନେ ସେହିପରି ହେବେ। ସାଧାରଣତଃ ସବୁ ପିଲା ପଞ୍ଚମ ଶ୍ରେଣୀ ପଢ଼ିବା ପର୍ଯ୍ୟନ୍ତ ଠିକ୍ ରାସ୍ତାରେ ଯାଇଥାନ୍ତି, କାରଣ ସେମାନେ ସମାଜର କୌଣସି ବିଷୟ ଠିକ୍ ଭାବେ ବୁଝି ନଥାନ୍ତି। ତେବେ କିଶୋର ସମୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯୁବାବସ୍ଥାର ପୂର୍ବ ଅବସ୍ଥାକୁ କୈଶୋରବସ୍ଥା କୁହାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ, ୧୦-୧୯ ବର୍ଷ ବୟସ ହେଉଛି କିଶୋର ସମୟ । ଏହି ବୟସ ମଧ୍ୟରେ ପୁଅକୁ କିଶୋର ଏବଂ ଝିଅକୁ କିଶୋରୀ ବୋଲି କୁହାଯାଏ । ସେହି ସମୟରେ ସେମାନେ ଯେ କୌଣସି କାର୍ଯ୍ୟ କରନ୍ତି, ତାହାର ଭଲ ମନ୍ଦ ବିଚାର କରି ପାରନ୍ତି ନାହିଁ। ବେଳେ ବେଳେ ଦେଖାଯାଏ ଯେ, କିଶୋର ଅବସ୍ଥାରେ ପିଲାଟି ଅନେକ ଭୁଲ କାର୍ଯ୍ୟ କରି ବସେ, ଯାହା ନିଜର ଜୀବନକୁ ବିପଦ ଆଡ଼କୁ ଗତି କରେ ତା' ସାଙ୍ଗକୁ ତାର ପରିବାରକୁ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ଅବଶ୍ୟ ଅନେକ କାରଣ ଦାୟୀ।

ପାରିବାରିକ ପରିବେଶ

ପିଲାକୁ ଉତ୍ତମ ରୂପେ ଗଢ଼ି ତୋଳିବା ପାଇଁ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାଛଡ଼ା ପରିବାର ହିଁ ପିଲାର ପ୍ରଥମ ବିଦ୍ୟାଳୟ। ସେ ପରିବାରରୁ ଯାହା ଶିଖେ ତାହା ହିଁ ତା'ର ଜୀବନ ଗଠନରେ ସହାୟକ ହୁଏ। ପରିବାରରେ ଅଶାନ୍ତି, ବାପା-ମାଆଙ୍କ ଝଗଡ଼ା କିମ୍ବା ନିଜେ ହିଂସାର ଶିକାର ହେବା କିଶୋରଙ୍କ ମାନସିକତାରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେତେକ ସମୟରେ ପରିବାର ସଦସ୍ୟଙ୍କ ଦ୍ୱାରା କିଶୋର ବା କିଶୋରୀଟିଏ ଆକ୍ରୋଶର ଶିକାର ହେଲେ ସେ ଉତ୍କ୍ଷିପ୍ତ ହୋଇ ଉଠେ। ଏପରିକି ସେ ଅନୈତିକ କାର୍ଯ୍ୟ କରିବାକୁ ପଛାଏ ନାହିଁ। ତେଣୁ ଆମେ ପରିବାରର କୌଣସି ବି ବ୍ୟକ୍ତିଙ୍କୁ କେବେ ହିଂସାତ୍ମକ ବ୍ୟବହାର ପ୍ରଦର୍ଶନ କରିବା ଅନୁଚିତ।

ନିଶା ସେବନ

ଗଞ୍ଜେଇ, ମଦ ଓ ଧୂମପାନ ଭଳି ନିଶାଦ୍ରବ୍ୟ ସେବନ କିଶୋରଙ୍କୁ ହିଂସାତ୍ମକ କାର୍ଯ୍ୟକଳାପ ପ୍ରତି ପ୍ରେରିତ କରିଥାଏ। କିଶୋରାବସ୍ଥାରେ ମନୁଷ୍ୟ ସମାଜର ସବୁ ଦ୍ରବ୍ୟକୁ ଉପଭୋଗ କରିବାକୁ ଇଚ୍ଛା କରେ। ତା'ର ବିଚଳିତ ମନ ତାକୁ ନିଶା ଦ୍ରବ୍ୟ ଆଡ଼କୁ ଆକର୍ଷିତ କରିଥାଏ। ସେ ହିତାହିତ ଜ୍ଞାନ ଭୁଲିଯାଇ ଅନେକ କୁକର୍ମ କରି ବସେ। ଯାହା ଦ୍ୱାରା ତା'ର ଆଗାମୀ ଜୀବନ କଷ୍ଟକର ହୋଇପଡ଼େ। ଏକା ଥରକେ ଧନ, ଜୀବନ, ସମ୍ମାନହାନି ଘଟେ।

ସଙ୍ଗଦୋଷ

ସମାଜରେ ଆମକୁ ବଞ୍ଚିବାକୁ ହେଲେ ସାଙ୍ଗ ବା ବନ୍ଧୁର ଆବଶ୍ୟକତା ନିଶ୍ଚୟ ରହିଛି। ତେବେ ସେହି ବନ୍ଧୁ ସର୍ବଦା ଉତ୍ତମ ବନ୍ଧୁ ହେବାକୁ ପଡ଼ିବ। ଶାସ୍ତ୍ରରେ କୁହାଯାଇଛି – "ପାପ କର୍ମରୁ ନିବୃତ୍ତ କରାଉଥିବା ବନ୍ଧୁ ହିଁ ଉତ୍ତମ ବନ୍ଧୁ।" ତେବେ ସ୍ୱାର୍ଥପର ଦୁନିଆଁରେ ଆଜିକାଲି ଉତ୍ତମ ବନ୍ଧୁଟିଏ ମିଳିବା କଷ୍ଟ। କାରଣ ସମସ୍ତେ ଆଜି ନିଜ ନିଜ ସ୍ୱାର୍ଥରେ ଅନ୍ଧ। ତେଣୁ ନିଜର ସ୍ୱାର୍ଥ ସାଧନ ପାଇଁ ଅନେକ ସମୟରେ ଜଣେ ସାଙ୍ଗ ଆଉ ଜଣେ ସାଙ୍ଗକୁ ହତ୍ୟା କରିବାକୁ ମଧ୍ୟ ପଛାଇ ନଥାଏ। କିଛି ଦିନ ତଳେ ବାଲେଶ୍ୱର ଜିଲ୍ଲାର ଏକ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରର ମରଣାନ୍ତକ ଆକ୍ରମଣରେ ଜଣେ ନବମ ଛାତ୍ର ଗୁରୁତର ଆହତ ହୋଇଥିଲା। ଏହି ଘଟଣା ଗୋଟିଏ ଉଦାହରଣ ମାତ୍ର। ଆହୁରି ମଧ୍ୟ ସାଙ୍ଗସାଥୀଙ୍କ ଚାପରେ ପଡ଼ି ଅନେକ ସମୟରେ କିଶୋରମାନେ ଭୁଲ ରାସ୍ତାରେ ଯାଇଥାନ୍ତି।

ସୋସିଆଲ୍ ମିଡିଆ

ବର୍ତ୍ତମାନ ହେଉଛି ଇଣ୍ଟରନେଟ୍‌ର ଯୁଗ। ପ୍ରତିକ୍ଷେତ୍ରରେ ମୋବାଇଲ୍, ଟିଭି, ସୋସିଆଲ୍ ମିଡ଼ିଆ ଆଗରେ। ଏହି ଜାଲରେ ଯୁବପିଢ଼ି ଛନ୍ଦି ହୋଇଯାଆନ୍ତି। ଚଳଚ୍ଚିତ୍ର, ଇଣ୍ଟରନେଟ୍ ଏବଂ ଭିଡିଓ ଗେମ୍‌ରେ ଦେଖାଯାଉଥିବା ହିଂସା କିଶୋରଙ୍କ କୋମଳ ମନରେ ପ୍ରତିବିମ୍ବିତ ହୁଏ। ତାକୁ ସେ ପ୍ରୟୋଗ କରିବା ପାଇଁ ଉଦ୍ୟମ କରେ। ବିଭିନ୍ନ ଗେମ୍‌ରେ ଥିବା ସର୍ତ୍ତ ପୂରଣ କରିବାକୁ ଯାଇ କିଶୋରଟିଏ ହିଂସା ରାସ୍ତାକୁ ଯାଏ। ବ୍ଲୁହ୍ୱେଲ୍, ପବ୍‌ଜି ଭଳି ମାରାତ୍ମକ ଖେଳ ହିଂସାର କାରଣ ହୁଏ। ଟେଲିଭିଜନରେ ପ୍ରସାରିତ ଅପରାଧ ଦୁନିଆର ପ୍ରତୀକାତ୍ମକ ଭିଡିଓ ଛାତ୍ରଛାତ୍ରୀଙ୍କ କୋମଳ ମନକୁ ଦୋହଲାଇ ଦିଏ।

ସାମାଜିକ ଅବହେଳା

ପରିବାର ଏବଂ ସମାଜରୁ ଉଚିତ ସମୟ ଓ ସ୍ନେହ ନପାଇଲେ କିଶୋରମାନେ ବିଦ୍ରୋହୀ ଓ ହିଂସ୍ର ହୋଇ ଉଠନ୍ତି। ତେଣୁ ଆମେ ଆମ ସନ୍ତାନମାନଙ୍କୁ ପକ୍ଷପାତିତା ନ କରି ସମସ୍ତଙ୍କୁ ସମାନ ସ୍ନେହ ପ୍ରେମ ଶ୍ରଦ୍ଧା କରିବା ଆବଶ୍ୟକ।

କୋହଳ ଦଣ୍ଡ ବ୍ୟବସ୍ଥା

କେତେକ ସମୟରେ ଅପରାଧୀମାନେ କିଶୋର ବା ନାବାଳକମାନଙ୍କୁ ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର କରନ୍ତି। ଏହାର କାରଣ ନାବାଳକମାନଙ୍କୁ ଦଣ୍ଡ ବିଧାନ କମ୍ ହୋଇଥାଏ। କିଛିଦିନ ସୁଧାର ଗୃହରେ ରଖି ଛାଡ଼ି ଦିଆଯାଏ। ସେଠାରୁ ଫେରି ଜଘନ୍ୟ ଅପରାଧ ଘଟାଇଥିବା ପିଲାଟି ଯେ ବଦଳି ଯାଇଥିବ ତାହା ଭାବିବା ସନ୍ଦେହ।

ଓଡ଼ିଶାରେ ନାବାଳକ ଅପରାଧ

ଓଡ଼ିଶାରେ ନାବାଳକ ଅପରାଧୀଙ୍କ ସଂଖ୍ୟା ଅଧିକ । ସେମାନେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଅନେକ ଅପରାଧ ଘଟାଇଥିବା ଆମ ନଜିରରେ ରହିଛି । ଦେଶର ନାବାଳକ ଅପରାଧୀଙ୍କ ସଂଖ୍ୟା ଅନୁସାରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି । ନିକଟ ଅତୀତରେ ଓଡ଼ିଶାରେ ଘଟିଥିବା କେତୋଟି ଚର୍ଚ୍ଚିତ ନାବାଳକ ଅପରାଧ ଘଟଣା ସଂପର୍କରେ ଆଲୋକପାତ କରିବା ।

- ସାମାନ୍ୟ ସାଇକେଲ ରଖିବାରୁ ନେଇ ଆକ୍ରମଣ । ତା : ୨୯ .୭.୨୦୨୪ରେ ଅନୁଗୋଳ ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇକେଲ ରଖିବା ପାଇଁ ଗଣ୍ଡଗୋଳ ହୋଇଥିଲା । ତେବେ ସ୍କୁଲ ଛୁଟି ହେବା ପରେ ସ୍କୁଲ ଫାଟକ ଆଗରେ ନବମ ଶ୍ରେଣୀ ଛାତ୍ରକୁ ଦଶମ ଶ୍ରେଣୀର ଜଣେ ଛାତ୍ର ମାଂସ କଟା କଟୁରିରେ ଆକ୍ରମଣ କରିଥିଲା । ମୁଣ୍ଡରେ ଆଘାତ ହେବାରୁ ଛାତ୍ର ଜଣକ ତଳେ ପଡ଼ି ଯାଇଥିଲେ ।
- କେବଳ ଯେ ହତ୍ୟା ବା ଆକ୍ରମଣ କରିବାରେ ନାବାଳକମାନଙ୍କ ସଂପୃକ୍ତି ନୁହେଁ, ତା ସାଙ୍ଗକୁ ଡ୍ରଗସ୍ କାରବାରରେ ମଧ ଏମାନେ ଜଡ଼ିତ ଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି । ତା: ୧୯ .୩.୨୦୨୫ରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରୁ ଡ୍ରଗସ୍ କାରବାରରେ ଜଣେ ନାବାଳକକୁ ପୁଲିସ ଗିରଫ କରିଥିଲା ।
- ସେହିପରି ୨୦୨୫ ଏପ୍ରିଲ ୦୬ ତାରିଖରେ ଦେବଗଡ଼ ଜିଲ୍ଲାର ରିଆମାଳ ଥାନା ଅଞ୍ଚଳରେ ଜଣେ ୧୭ ବର୍ଷର ନାବାଳକ ଚାରି ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିଲା । ମୋବାଇଲ୍ ଦେଖାଇବା ବାହାନାରେ ଦୁଷ୍କର୍ମ ହୋଇଥିଲା ବୋଲି ପୋଲିସ କହିଛି । ମୋବାଇଲ୍ ଯେ କେତେ ମାରାତ୍ମକ ହୋଇପାରେ, ଏଥିରୁ ଅନୁମେୟ ।
- ଗତ ଜୁନ୍ ୨୦୨୫ ରେ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା । ଉକ୍ତ ଘଟଣାରେ ପୋଲିସ ୧୦ ଜଣକୁ ଗିରଫ କରିଥିଲା, ଯେଉଁଥିରେ ୪ ଜଣ ନାବାଳକ ଥିଲେ ।
- ୨୦୨୫ ଡିସେମ୍ବର ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲାର ତୁରେକେଲା ଥାନା ଅଧୀନରେ ଟିଉସନ୍‌ରୁ ଜଣେ ଛାତ୍ରୀ ଫେରୁଥିବା ବେଳେ ଛଅ ଜଣ ନାବାଳକ ଗଣ ଦୁଷ୍କର୍ମ କରିଥିଲେ । ସେହିପରି ଚଳିତ ବର୍ଷର ଜାନୁଆରୀ ୩୧ ତାରିଖରେ ବାଲେଶ୍ୱର ଜିଲ୍ଲା ରେମୁଣା ହାଇସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଆୟୋଜନ ହେଉଥିବା ବେଳେ ପ୍ରେମିକା ପାଇଁ ଦଶମ ଶ୍ରେଣୀର ଜଣେ ଛାତ୍ର ଖଣ୍ଡା ଧରି ନବମ ଶ୍ରେଣୀର ଛାତ୍ରକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା । ପରେ ସେଠାରେ ପୋଲିସ ପହଞ୍ଚି ତାକୁ ଗିରଫ କରିଥିଲା । ସେହିପରି ସେହିଦିନ ଶ୍ରୀଜଙ୍ଗ ଦାସ ମହାପାତ୍ର ହାଇସ୍କୁଲରେ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରଙ୍କ ବ୍ୟାଗରୁ ମେଟାଲ୍ ବନ୍ଧୁକ ଜବତ କରାଯାଇଥିଲା । ଦଣ୍ଡମୁକ୍ତ ଶିକ୍ଷା ବ୍ୟବସ୍ଥା ହେତୁ ଶିକ୍ଷାର୍ଥୀମାନେ ଏପରି ଘଟଣା ଘଟାଉଥିବା କଥା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।
- କମିଶନରେଟ୍ ପୋଲିସର ତଥ୍ୟ ଅନୁସାରେ କଟକ ତୁଳନାରେ ଭୁବନେଶ୍ୱରରେ ବାଳ ଅପରାଧୀଙ୍କ ସଂଖ୍ୟା ଅଧିକ । ଏମାନେ ବିଭିନ୍ନ କାରଣରୁ ଅନେକ ଅପରାଧ କରୁଛନ୍ତି । ଗଞ୍ଜାମ ଜିଲ୍ଲାରେ ଗତ ଚାରି ବର୍ଷ ମଧରେ ଘଟିଥିବା ଅପରାଧ ମଧରେ ଦୁଇ ଶହ ଜଣ ନାବାଳକ ରହିଛନ୍ତି । କୋହଳ ଆଇନ ହେତୁ ସେମାନଙ୍କୁ ସୁଧାର ଗୃହକୁ ପଠାଯାଉଛି । ସେଠାରେ କିଛିଦିନ ରହିବା ପରେ ସେମାନେ ଫେରି ପୁଣି ଅପରାଧର ସାମ୍ରାଜ୍ୟରେ ସକ୍ରିୟ ହୋଇ ଉଠୁଛନ୍ତି ।

ଭାରତରେ ନାବାଳକ ଜନିତ ଅପରାଧ

ଜାତୀୟ କ୍ରାଇମ୍ ରେକର୍ଡ ଅନୁସାରେ ୨୦୨୦ ତୁଳନାରେ ୨୦୨୫ ରେ ବାଳ ଅପରାଧୀ ସଂଖ୍ୟା କମିଛି, କିନ୍ତୁ ଅପରାଧର ତରିକା ଅନୁସାରେ ଅନେକ ଧର୍ଷଣ ତଥା ଜଘନ୍ୟ ଅପରାଧରେ ନାବାଳକ ଅପରାଧୀଙ୍କ ସଂଖ୍ୟା ବଢ଼ିଛି । ଦେଶରେ ନାବାଳକ ଅପରାଧୀଙ୍କ ସଂଖ୍ୟା ଦୃଷ୍ଟିରୁ ମହାରାଷ୍ଟ୍ର ପ୍ରଥମ, ମଧ୍ୟପ୍ରଦେଶ ଦ୍ୱିତୀୟ ଓ ରାଜସ୍ଥାନ ତୃତୀୟ ସ୍ଥାନରେ ରହିଛି ।

ଅଗଷ୍ଟ ୨୦୨୫ରେ ଗୁଜରାଟର ଅହମଦାବାଦର ଏକ ସ୍କୁଲରେ ସାମାନ୍ୟ ବଚସାରୁ ଅଷ୍ଟମ ଶ୍ରେଣୀ ଛାତ୍ରଟିଏ ଦଶମ ଶ୍ରେଣୀ ଛାତ୍ରକୁ ଛୁରି ଭୁସି ଦେଇଥିଲେ । ସେହିପରି ଚଳିତ ଫେବୃୟାରୀ ଚାରି ତାରିଖରେ ରାତ୍ର ୨ଟା ୩୦ରେ ଉତ୍ତରପ୍ରଦେଶର ଗାଜିଆବାଦରେ ତିନିଜଣ ଭଉଣୀ ଆତ୍ମହତ୍ୟା କରିଥିଲେ । ପୋଲିସ ସେହି ସ୍ଥାନରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଥିଲା । ସେଥିରୁ ଜଣା ପଡ଼ିଥିଲା କି ସେ ତିନି ଭଉଣୀ ଏକ ମୋବାଇଲ ଗେମ୍ ଖେଳୁଥିଲେ । ଖେଳର ସମସ୍ତ ଟାସ୍କକୁ ପୂରଣ କରିବାକୁ ଯାଇ ନଅ ମହଲା ବିଶିଷ୍ଟ ବାଲକୋନୀରୁ ଡେଇଁ ଆତ୍ମହତ୍ୟା କରିଥିଲେ । ମୋବାଇଲ ଗେମ୍ ଯେ ବର୍ତ୍ତମାନର ଯୁବପିଢ଼ିକୁ କେଉଁଭଳି ସ୍ଥିତିକୁ ନେଇପାରେ ଏହା ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ତେଣୁ ବର୍ତ୍ତମାନ ସମୟରେ ପିଲାମାନଙ୍କୁ ମୋବାଇଲ୍ ଗେମ୍‌ରୁ ଦୂରେଇ ରଖିବା ଅଭିଭାବକମାନଙ୍କ ଦାୟିତ୍ୱ ହେବା ଆବଶ୍ୟକ । ତତ୍ ସହିତ ସରକାରଙ୍କ ପକ୍ଷରୁ ମଧ ଏହି ମରଣ ସୂଚକ ଗେମ୍‌ଗୁଡ଼ିକକୁ ବ୍ୟାନ୍ କରିବା ଦରକାର ।

କିଶୋର ହିଂସାର ମୁଖ୍ୟ କାରଣଗୁଡ଼ିକ ହେଉଛି ପରିବାରରେ କଳହ, ନିଶାଦ୍ରବ୍ୟ ସେବନ, ସାଙ୍ଗସାଥୀଙ୍କ ପ୍ରଭାବ, ଅପରାଧିକ ମାନସିକତା, ଶିକ୍ଷାର ଅଭାବ, ଦାରିଦ୍ର୍ୟ ଏବଂ ସୋସିଆଲ୍ ମିଡିଆର ନକାରାତ୍ମକ ପ୍ରଭାବ । ଏହାଛଡ଼ା ଦ୍ରୁତ ଯାନବାହନ ଚାଳନା ଏବଂ ହିଂସାତ୍ମକ ମିଡିଆ ମଧ କିଶୋରଙ୍କୁ ଏହି ଦିଗକୁ ଠେଲି ଦେଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପରାମର୍ଶ, ପାରିବାରିକ ସ୍ନେହ ଏବଂ ଶିକ୍ଷା ଆବଶ୍ୟକ । ପିଲାବେଳୁ ନୈତିକ ଜ୍ଞାନ ପ୍ରଦାନର ଆବଶ୍ୟକତା ରହିଛି । ପରିବାର ଭିତରେ ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ, ଶ୍ରଦ୍ଧା ଦିଆଯିବା ଉଚିତ । ବିଭିନ୍ନ ସମୟରେ ବିଭିନ୍ନ ମହାପୁରୁଷମାନଙ୍କ ଜୀବନୀ, ପୁରାଣ କାହାଣୀ ଶୁଣାଇବା ଦ୍ୱାରା କିଶୋର କିଶୋରୀଙ୍କ ମନରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ । ବିଦ୍ୟାଳୟରେ ମଧ ସେହିପରି ଶିକ୍ଷା ଦିଆଯିବା ଆବଶ୍ୟକ । ତେବେ ଯାଇ ଆମ ସମାଜ ଏକ ସୁସ୍ଥ ସମାଜରେ ପରିଣତ ହୋଇ ପାରିବ ।

ବୀର ଧନଞ୍ଜୟପୁର , ବୁଗୁଡ଼ା, ଗଞ୍ଜାମ

କିଶୋରଙ୍କ ଅପରାଧ ପ୍ରବଣତା ଓ ଆଇନ



ଗଦାଧର ବଳ

ସାଧାରଣ ଅର୍ଥରେ ଏବଂ ଭାରତର 'ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ' (Juvenile Justice Act) ଅନୁଯାୟୀ, 'କିଶୋର' (Juvenile) ଶବ୍ଦର ଆଇନଗତ ସଂଜ୍ଞା ହେଲା, ଯେଉଁ ବ୍ୟକ୍ତିର ବୟସ ୧୮ ବର୍ଷରୁ କମ୍, ତାକୁ 'କିଶୋର' ବା 'ନାବାଳକ' କୁହାଯାଏ। ଏପରି ବ୍ୟକ୍ତିଙ୍କର କୌଣସି ଅପରାଧିକ କାର୍ଯ୍ୟ ପାଇଁ ସାଧାରଣ କୋର୍ଟରେ ବିଚାର ନକରି ସ୍ୱତନ୍ତ୍ର ବୋର୍ଡ ମାଧ୍ୟମରେ ବିଚାର କରାଯାଇ ଥାଏ। ସେହିପରି ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକ ସଂଜ୍ଞା ହେଲା, ଜଣେ ବ୍ୟକ୍ତିର ପିଲାଦିନ (Childhood) ଏବଂ ଯୌବନ (Adulthood) ମଧ୍ୟବର୍ତ୍ତୀ ସମୟକୁ କୈଶୋର ଅବସ୍ଥା (Adolescence) କୁହାଯାଏ। ଏହି ସମୟରେ ବ୍ୟକ୍ତିର ଶରୀର ଏବଂ ମନରେ ଅନେକ ପରିବର୍ତ୍ତନ ଆସିଥାଏ।

ଭାରତୀୟ ଆଇନ ବ୍ୟବସ୍ଥାରେ ସବୁ ବର୍ଗର ଲୋକଙ୍କୁ ଯଥା ସାଧ୍ୟ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରୟାସ କରାଯାଇଛି। ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ନାଗରିକମାନଙ୍କ ସୁରକ୍ଷା ରାଷ୍ଟ୍ରର ପ୍ରମୁଖ କର୍ତ୍ତବ୍ୟ। ବରିଷ୍ଠ ନାଗରିକ, ସାଧାରଣ ନାଗରିକ, ମହିଳା, କିଶୋରମାନଙ୍କ ସୁରକ୍ଷା ପାଇଁ ମଧ୍ୟ ଭାରତ ବର୍ଷରେ ଆଇନ ପ୍ରଣୀତ ହୋଇଛି। "କିଶୋର" ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଯେଉଁ ପିଲାମାନଙ୍କର ବୟସ ୧୬ ବର୍ଷରୁ ଉର୍ଦ୍ଧ୍ୱ ଓ ୧୮ ବର୍ଷରୁ କମ ହୋଇଥାଏ। ଅର୍ଥାତ କିଶୋର ସିଏ ଯିଏ ବାଲ୍ୟକାଳ ଅତିକ୍ରମ କରି ସାରିଛି। ମାତ୍ର ସମ୍ପୂର୍ଣ୍ଣ ଯୁବକ ହୋଇ ନାହିଁ। କିଶୋରମାନଙ୍କ ଅପରାଧର ବିଚାର 'ବାଳ ଅପରାଧ ଆଇନ' ବା 'Juvenile Justice Act' ଅନୁଯାୟୀ ହୋଇଥାଏ। ପୁଅମାନଙ୍କ ପାଇଁ 'କିଶୋର' ଏବଂ ଝିଅମାନଙ୍କ ପାଇଁ 'କିଶୋରୀ' ଶବ୍ଦ ବ୍ୟବହାର କରାଯାଏ। ଏହି ଆଇନର 'କିଶୋର' ଶବ୍ଦର ସଂଜ୍ଞା ଧାରା ୨ ଉପଧାରା ୧୩ରେ ଉଲ୍ଲିଖିତ ରହିଛି। ୨୦୧୫ର ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ୧୬ ରୁ ୧୮ ବର୍ଷ ବୟସର କିଶୋରଙ୍କ ପାଇଁ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ୨୦୧୨ର 'ନିର୍ଭୟା ମାମଲା' ପରେ ଏହି ନିୟମରେ ସଂଶୋଧନ ଅଣାଯାଇଥିଲା।

ଭୁଲ ସୁଧାରିବା ପାଇଁ ଆଇନ ବ୍ୟବସ୍ଥା

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ତଥ୍ୟ ଅନୁଯାୟୀ ଏହି ବର୍ଗର ପିଲାମାନେ ସାଧାରଣତଃ ୧୦ ରୁ ୧୯ ବର୍ଷ ବୟସର ହୋଇଥାନ୍ତି। କିଶୋର ବୟସର କିଛି ବିଶେଷତା ହେଲା ଶାରୀରିକ ପରିବର୍ତ୍ତନ ସହ ଶରୀରର ଦ୍ରୁତ ବିକାଶ ହୁଏ। ମାନସିକ ଅବସ୍ଥାର ମଧ୍ୟ ବିଶେଷ ପରିବର୍ତ୍ତନ ହୋଇ ପିଲାମାନେ ଅଧିକ ଭାବପ୍ରବଣ ହୋଇ ଯାଆନ୍ତି। ନୂଆ ଜିନିଷ ଶିଖିବାକୁ ବା କରିବାକୁ ଉତ୍ସୁକତା ବଢ଼ି ଥାଏ। ଏଣୁ ଏହି ବୟସରେ ପିଲାଙ୍କ ମନ ସମ୍ପୂର୍ଣ୍ଣ ପରିପକ୍ୱ (Mature) ହୋଇ ନଥିବାରୁ, ସେମାନେ କରିଥିବା ଭୁଲ ପାଇଁ ଆଇନ ସେମାନଙ୍କୁ ସୁଧାରିବାକୁ ଅଧିକ ସୁଯୋଗ ଦେଇଥାଏ। ଏହି ଆଇନ ଅନୁଯାୟୀ ଯଦି ୧୬ ରୁ ୧୮ ବର୍ଷ ବୟସର କୌଣସି କିଶୋର ଏକ ଜଘନ୍ୟ ଅପରାଧ (Heinous Crime) କରନ୍ତି, ଯେପରି କି ହତ୍ୟା, ଦୁଷ୍କର୍ମ କିମ୍ବା ଏପରି ଅପରାଧ ଯେଉଁଥିରେ ସର୍ବନିମ୍ନ ୭ ବର୍ଷର ଜେଲ୍ ଦଣ୍ଡ ବ୍ୟବସ୍ଥା ରହିଛି, ସେମାନଙ୍କ ବିଚାର ସାବାଳକ ବା ବଡ଼ ମଣିଷ ଭଳି କରାଯାଇଥାଏ। ତେବେ ଏଥିପୂର୍ବରୁ ସେହି କିଶୋର ଅପରାଧୀର ମାନସିକ ଓ ଶାରୀରିକ ପରୀକ୍ଷା (Preliminary Assessment) ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ((JJB) କରିଥାଏ। ମୁଖ୍ୟତଃ ବୋର୍ଡ ଦୁଇଟି କଥା ଯାଞ୍ଚ କରେ, ଯଥା ଅପରାଧ କରିବା ସମୟରେ ପିଲାଟିର ମାନସିକ ଓ ଶାରୀରିକ କ୍ଷମତା କେତେ ଥିଲା ଓ ସେ ଅପରାଧର ଭୟାବହତା ଏବଂ ପରିଣାମ ବିଷୟରେ ବୁଝିବାକୁ ସମର୍ଥ ଥିଲା କି ନାହିଁ।

ଯଦି ବୋର୍ଡ ଅନୁଭବ କରନ୍ତି ଯେ ପିଲାଟି ଜାଣିଶୁଣି ଜଘନ୍ୟ ଅପରାଧ କରିଛି, ତେବେ ମାମଲାଟିକୁ ଚିଲ୍ଡ୍ରେନ୍ସ କୋର୍ଟ (Sessions Court) କୁ ପଠାଇ ଦିଆଯାଏ ଓ ସେହି କୋର୍ଟରେ ସାଧାରଣ ଅଭିଯୁକ୍ତ ପରି ସେମାନଙ୍କର ବିଚାର ହୋଇଥାଏ। ବିଚାର ପରେ ଯଦି କୋର୍ଟରେ ସେ ସାବାଳକ ଭାବେ ଦୋଷୀ ସାବ୍ୟସ୍ତ ହୁଏ, ତେବେ ତାକୁ ସାଧାରଣ ଅପରାଧୀଙ୍କ ଭଳି ଦଣ୍ଡ ମିଳିବ। ମାତ୍ର ତାକୁ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ (ଯେଉଁଥିରେ ଜୀବନ ସାରା ଜେଲରେ ରହିବାକୁ ପଡ଼େ) ଦିଆଯାଇ ପାରିବ ନାହିଁ। ୨୧ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେମାନଙ୍କୁ 'ସୁରକ୍ଷିତ ସ୍ଥାନ' ବା Place of Safety ରେ ରଖାଯାଏ। ପରେ ଜେଲକୁ ସ୍ଥାନାନ୍ତରିତ କରାଯାଏ।

ଏମିତି ରାୟ ପରେ ଯେତେବେଳେ ପିଲାଟିକୁ ୨୧ ବର୍ଷ ହୋଇ ଯାଏ, କୋର୍ଟ ପୁଣି ଥରେ ଯାଞ୍ଚ ବା ରିଭ୍ୟୁ କରନ୍ତି ଯେ ତା' ମଧ୍ୟରେ କିଛି ସଂସ୍କାର ଆସିଛି କି ନାହିଁ। ଯଦି ସେ ସୁଧୁରି ଯାଇଥାଏ, ତେବେ ତାକୁ ଜେଲରୁ ମୁକ୍ତି ମଧ୍ୟ ମିଳିପାରେ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି, ବଡ଼ ଧରଣର ଅପରାଧ କରୁଥିବା କିଶୋରମାନେ ଯେପରି 'ନାବାଳକ' ବାହାନାରେ କଠୋର ଦଣ୍ଡରୁ ବର୍ତ୍ତି ନ ଯାଆନ୍ତି।

ନାବାଳକ ଅପରାଧୀଙ୍କ ପାଇଁ ଆଇନ

ବିଶ୍ୱସ୍ତରୀୟ ନାବାଳକ ଅପରାଧ ସମ୍ବନ୍ଧୀୟ ବିଷୟ ନେଇ ବିଶ୍ୱ ସମୁଦାୟ ସମ୍ମିଳିତ ହୋଇ ଚିନ୍ତା ପ୍ରକଟ କରିବା ପରେ ଭାରତ ୧୯୮୬ ମସିହାରେ ବାଳ ଅପରାଧୀମାନଙ୍କ ପାଇଁ ପ୍ରଥମ ଥର ଜୁଭେନାଇଲ୍ ଆକ୍ଟ ପ୍ରଣୟନ କଲେ । ସମସ୍ତ ନାବାଳକମାନଙ୍କ ପାଇଁ ଏକ ସମାନ ନିୟମ ଲାଗୁ କରିବା ପାଇଁ ୧୯୮୬ ମସିହାରେ ଜୁଭେନାଇନ ଜଷ୍ଟିସ୍ ଆକ୍ଟ ଅଣାଗଲା । ଏହି ଆଇନରେ ପୁଅମାନଙ୍କ ପାଇଁ ବୟସ ସୀମା ୧୬ ବର୍ଷ ଏବଂ ଝିଅମାନଙ୍କ ପାଇଁ ୧୮ ବର୍ଷ ରଖାଯାଇଥିଲା । ୨୦୦୦ ମସିହାରେ ଜାତିସଂଘର (UN) ଶିଶୁ ଅଧିକାର ସମ୍ମିଳନୀ ପରେ ଭାରତ ସରକାର Juvenile Justice Act ଆଣିଲେ । ଏଥିରେ ପୁଅ ଏବଂ ଝିଅ ଉଭୟଙ୍କ ପାଇଁ ନାବାଳକ ହେବାର ବୟସ ସୀମା ୧୮ ବର୍ଷ କରାଗଲା । ଏହି ଆଇନ ପୂର୍ବରୁ ପ୍ରଚଳିତ ଆଇନ ଅପେକ୍ଷା ଅଧିକ ସଂସ୍କାରବାଦୀ ଥିଲା । ୨୦୧୨ ମସିହାରେ ଦିଲ୍ଲୀରେ ସଂଘଠିତ ନିର୍ଭୟା କାଣ୍ଡ ପରେ ଅନୁଭବ କରାଗଲା ଯେ, ୨୦୦୦ ମସିହାର ଆଇନ ଜଘନ୍ୟ ଅପରାଧ କରୁଥିବା ୧୬ରୁ ୧୮ ବର୍ଷର କିଶୋରଙ୍କୁ ରୋକିବାରେ ଅସମର୍ଥ । ଏଣୁ ୨୦୧୫ ମସିହାରେ Juvenile Justice (Care and Protection of Children) Act ପାରିତ ହେଲା, ଯାହା ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ଏହି ଆଇନ ପ୍ରଣୟନ ବେଳେ ମୂଳ ଉଦ୍ଦେଶ୍ୟ ଥିଲା ପିଲାମାନେ ଯେପରି କଠୋର ଅପରାଧୀଙ୍କ ସଂସ୍ପର୍ଶରେ ନ ଆସିବେ । ଏହି ଆଇନର ଲକ୍ଷ୍ୟ ହେଲା, କେବଳ ଅପରାଧୀ ନୁହେଁ, ବରଂ ଅସହାୟ ଏବଂ ନିର୍ଯାତିତ ପିଲାଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଦେବା ସହ ଶିଶୁର ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା ।

ଭାରତରେ ବାଳ ଅପରାଧ ଆଇନଗୁଡ଼ିକ ପ୍ରଚଳନ ବେଳେ ପୂର୍ବରୁ ଥିବା ଓ ଏବେ ପ୍ରଣୀତ ହୋଇ ଥିବା ଆଇନ ଭିତରେ ପାର୍ଥକ୍ୟକୁ ଦେଖିବା ଜରୁରି । ୧୯୮୬ ମସିହାରେ ପ୍ରଣୀତ ଆଇନ ପୁଅ ପାଇଁ ୧୬ ଏବଂ ଝିଅ ପାଇଁ ୧୮ ବର୍ଷ ବୟସ ସୀମା ଥିଲା । ମାତ୍ର ୨୦୦୦ ଆଇନ ଓ ୨୦୧୫ ଆଇନ (ବର୍ତ୍ତମାନ ପ୍ରଚଳିତ) ଅନୁଯାୟୀ ଉଭୟଙ୍କ ପାଇଁ ୧୮ ବର୍ଷ ବୟସ ସୀମା ନିର୍ଦ୍ଧାରିତ କରା ଯାଇଛି । ୧୯୮୬ ଆଇନରେ ଜଘନ୍ୟ ଅପରାଧରେ ସଂଶ୍ଳିଷ୍ଟ ବାଳ ଅପରାଧୀମାନଙ୍କ ପାଇଁ ସାଧାରଣ ନିୟମ ଲାଗୁ ହେଉଥିଲା ଓ ୨୦୦୦ ଆଇନ ଅନୁଯାୟୀ ସମସ୍ତଙ୍କୁ 'ନାବାଳକ' ଭାବେ ବିବେଚନା କରାଗଲା । ୨୦୧୫ ମସିହା ଆଇନ ଅନୁଯାୟୀ ୧୬-୧୮ ବର୍ଷର ବାଳଅପରାଧୀମାନଙ୍କୁ 'କିଶୋର ବା ସାବାଳକ' ଭାବେ ବିବେଚନା କରାଯାଉଛି । ସେହିପରି ୧୯୮୬ ମସିହାରେ ଆଇନରେ ସଂସ୍କାର ଉପରେ କମ୍ ଗୁରୁତ୍ୱ ଥିଲା, ମାତ୍ର ୨୦୦୦ ମସିହା ଆଇନରେ ସମ୍ପୂର୍ଣ୍ଣ ସଂସ୍କାରବାଦୀ (ସର୍ବାଧିକ ୩ ବର୍ଷ ଦଣ୍ଡ) ଓ ଜରିମାନା , ୨୦୧୫ ଆଇନରେ ସଂସ୍କାର ସହ ଅପରାଧ ଅନୁସାରେ କଠୋର (୭ ବର୍ଷ ବା ତା'ଠାରୁ ଅଧିକ) ଦଣ୍ଡର ବ୍ୟବସ୍ଥା କରା ଯାଇଛି । ଏହି ୩ ଗୋଟି ଆଇନର କ୍ରମ ପରିବର୍ତ୍ତନର ଆଭିମୁଖ୍ୟ ମଧ୍ୟରୁ ୧୯୮୬ ଆଇନରେ ପୁଅ ଓ ଝିଅଙ୍କ ପାଇଁ ଅଲଗା ବୟସ ଥିଲା । ମାତ୍ର ୨୦୦୦ ମସିହାରେ ସମାନ କରାଗଲା । ୨୦୧୫ ଆଇନରେ ସରକାର ଅନୁଭବ କଲେ ଯେ, ଯଦି ଜଣେ ୧୭ ବର୍ଷ ବୟସର କିଶୋର ହତ୍ୟା ଭଳି ଅପରାଧ କରିବାକୁ ସକ୍ଷମ ହେଉଛି, ତେବେ ତାକୁ କେବଳ 'ଛୋଟ ପିଲା' ଭାବି ଛାଡ଼ି ଦେବା ଅନ୍ୟାୟ ଅଟେ ।

ସେହିପରି ୨୦୧୫ ଆଇନରେ ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପ୍ରକ୍ରିୟାକୁ ଅଧିକ ସହଜ ଓ ସ୍ୱଚ୍ଛ କରାଗଲା, ଯାହାଦ୍ୱାରା ଅନାଥ ପିଲାମାନେ ଏକ ଭଲ ପରିବାର ପାଇପାରିବେ ।

ବାଳ ଅପରାଧ ଆଇନର ଉଦ୍ଦେଶ୍ୟ

ସଂଶୋଧିତ ଆଇନ ଅନୁଯାୟୀ ବାଳ ଅପରାଧ ଆଇନ ବା Juvenile Justice Act ର ମୁଖ୍ୟ ଉଦ୍ଦେଶ୍ୟ କେବଳ ଦଣ୍ଡ ଦେବା ନୁହେଁ । ବରଂ ଜଣେ ଶିଶୁର ସୁରକ୍ଷା ଓ ତା'ର ଭବିଷ୍ୟତକୁ ସୁଧାରିବା । ଏହି ଆଇନର ମୂଳ ଦର୍ଶନ ହେଉଛି 'ଅପରାଧୀକୁ ନୁହେଁ, ଅପରାଧକୁ ଘୃଣା କର ।' ଏହି ଆଇନର ପ୍ରମୁଖ ଆଭିମୁଖ୍ୟଗୁଡ଼ିକ ହେଲା ସଂସ୍କାର ଓ ପୁନର୍ବାସ (Rehabilitation and Reform) - ଆଇନର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ପିଲାଟିକୁ ଜଣେ ଦୁର୍ଦ୍ଦାନ୍ତ ବା ଅଭ୍ୟାସଗତ ଅପରାଧୀ ହେବାରୁ ରୋକିବା । ଜେଲ୍ ବଦଳରେ ସେମାନଙ୍କୁ ସୁଧାର ଗୃହ ବା Special Homesକୁ ପଠାଯାଏ, ଯେଉଁଠି ସେମାନଙ୍କ ମାନସିକତାର ପରିବର୍ତ୍ତନ ଆଣିବାକୁ ପ୍ରୟାସ କରାଯାଏ । ପିଲାଟି ଯେମିତି ଅପରାଧ ଦୁନିଆରୁ ଫେରି ଜଣେ ସାଧାରଣ ନାଗରିକ ଭାବେ ବଞ୍ଚି ପାରିବ ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବ । ସେଥିପାଇଁ ତାଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯାଏ । ସେଥିମଧ୍ୟରେ ଧନ୍ଦାମୂଳକ ଶିକ୍ଷା (Vocational Training) ମାଧ୍ୟମରେ ଟ୍ରେନିଂ ଦିଆଯାଏ । ଯଦ୍ୱାରା କି ସେ ଭବିଷ୍ୟତରେ କିଛି ରୋଜଗାର କରି ନିଜର ପରିବାର ପ୍ରତି ପୋଷଣ କରି ପାରିବ । ତା'ବାଦ୍ କିଶୋର ଅପରାଧୀମାନଙ୍କର ମନସ୍ତାତ୍ତ୍ୱିକ ପରାମର୍ଶ (Counseling) କରା ଯାଇଥାଏ । ଯେକୌଣସି ନିଷ୍ପତ୍ତି ନେବା ସମୟରେ ପିଲାଟିର ସ୍ୱାର୍ଥକୁ ସର୍ବୋପରି ଅଗ୍ରାଧିକାର ଦେବା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଶିଶୁର ସର୍ବୋତ୍ତମ ସ୍ୱାର୍ଥ ବା Best Interest of the Child ରକ୍ଷା କରିବା । ପିଲାଟି କେଉଁ ପରିସ୍ଥିତିରେ ପଡ଼ି ଅପରାଧ ଘଟାଇଲା, ତା'ର ପୃଷ୍ଠଭୂମିକୁ ଅଧ୍ୟୟନ କରାଯାଏ ।

ଅନେକ ସମୟରେ ଦାରିଦ୍ର୍ୟତା, ନିର୍ଯାତନା କିମ୍ବା କୁସଙ୍ଗ କାରଣରୁ ପିଲାମାନେ ଅପରାଧ ଘଟାଇ ଥାଆନ୍ତି । ଯାହାକୁ ଆଇନ ଦୟାଶୀଳ ଭାବରେ ବିଚାର କରେ । ଏହି ଆଇନର ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା କିଶୋର ବା ବାଳ ଅପରାଧୀର ପରିଚୟ ଗୋପନ ରଖାଯାଏ । ଯେପରି ସମାଜରେ ସେ 'ଅପରାଧୀ' ବୋଲି ପରିଚିତ ନ ହୁଏ । ଏହାଦ୍ୱାରା ତା'ର ଆତ୍ମସମ୍ମାନ ରକ୍ଷା ହୁଏ ଏବଂ ବଡ଼ ହେବା ପରେ ସେ ଏକ ନୂଆ ଜୀବନ ଆରମ୍ଭ କରିପାରେ । ଏହି ଆଇନ କେବଳ ପିଲାକୁ ନୁହେଁ । ବରଂ ସମାଜ ଏବଂ ପରିବାରକୁ ମଧ୍ୟ ସଚେତନ କରାଏ । ଯଦି ପିଲାଟି ଅବହେଳାର ଶିକାର ହୋଇଥାଏ, ତେବେ ତାର ଦାୟିତ୍ୱ ସରକାର ନିଅନ୍ତି । ସଂକ୍ଷେପରେ କହିଲେ ବାଳ ଅପରାଧ ଆଇନର ଆଭିମୁଖ୍ୟ ହେଉଛି ଶିଶୁକୁ ଦଣ୍ଡ ଦେବା ଅପେକ୍ଷା ତାର ସୁଧାର ଆଣିବା ସହ ଗଢ଼ିବା, ଭବିଷ୍ୟତରେ ଅପରାଧୀ ହେବାକୁ ସୁଯୋଗ ନ ଦେବା ଓ ଅନ୍ୟ ସାଧାରଣ ନାଗରିକମାନଙ୍କ ପରି ଜୀବନ ଯାପନରେ ସହାୟକ ହେବା ।

ଆଇନ ଏହା ବିଶ୍ୱାସ କରେ ଯେ ପ୍ରତ୍ୟେକ ପିଲାଙ୍କ ପାଖରେ ନିଜକୁ ସୁଧାରିବା ପାଇଁ ଏକ ସୁଯୋଗ ରହିବା ଉଚିତ । ବାଳ ଅପରାଧୀ ଆଇନ ବା Juvenile Justice Act ର ବିକାଶ ଏବଂ ଏହାର 'ପୂର୍ବଆଭାସ' (Historical Background) ବେଶ୍ ଆକର୍ଷଣୀୟ । ଭାରତରେ ଶିଶୁମାନଙ୍କୁ ଅପରାଧୀ ନୁହେଁ । ବରଂ ପରିସ୍ଥିତିର ଶିକାର ଭାବେ ଦେଖିବାର ପରମ୍ପରା ବହୁ ପୁରୁଣା । ଏହି ଆଇନର ବିକାଶ କ୍ରମକୁ ଆମେ ଦେଖିଲେ ଜଣା ଯାଏ ଯେ, ବ୍ରିଟିଶ୍ ଶାସନ କାଳ ଆରମ୍ଭ ପୂର୍ବରୁ ପିଲାମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଆଇନ ନଥିଲା । ତେବେ ପରେ ଅନୁଭବ କରାଗଲା ଯେ, ପିଲାମାନଙ୍କୁ ବଡ଼ ଅପରାଧୀଙ୍କ ସହ ଜେଲରେ ରଖିବା ଅନୁଚିତ । ଏଣୁ ୧୮୫୦ ମସିହାରେ ସର୍ବ ପ୍ରଥମେ Apprentices Act ଅଣା ଯାଇଥିଲା । ଏହା ଭାରତର ପ୍ରଥମ ଆଇନ ଥିଲା ଯେଉଁଥିରେ ଅନାଥ କିମ୍ବା ଅପରାଧରେ ସମ୍ପୃକ୍ତ ପିଲାମାନଙ୍କୁ ଜେଲ୍ ବଦଳରେ କୌଣସି କାମ ଶିଖାଇବା ବା Apprenticeship ପାଇଁ ବ୍ୟବସ୍ଥା ଥିଲା । ୧୮୯୭ ମସିହାରେ ବ୍ରିଟିଶ୍ ସରକାର Reformatory Schools Act ପ୍ରଣୟନ କରିଥିଲେ, ଯେଉଁ ଥିରେ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର 'ସଂସ୍କାର ସ୍କୁଲ' ସ୍ଥାପନ କରାଗଲା । ୧୯୬୦ ମସିହାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରଥମ କରି କେନ୍ଦ୍ର ସରକାର Children Act ଆଣିଲେ । ପ୍ରାରମ୍ଭରେ ଏହା କେବଳ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଥିଲା । ଏଥିରେ ପ୍ରଥମ କରି 'ବାଳ ଅଦାଲତ' (Children's Court)ର ପରିକଳ୍ପନା କରାଯାଇଥିଲା । ■

ଆଇନଜୀବୀ , ପ୍ରଗତି ବିହାର, ଭଦ୍ରକ
ମୋ: ୯୪୩୭୧୨୮୮୪୧

ପଣ୍ଡାଙ୍କ ପାଇଁ ଶୁଭ ହେବ ତ ବସନ୍ତ !

ଶେଷ ବସନ୍ତରେ ରାଜ୍ୟରୁ ଖାଲି ହେବ ଚାରିଟି ରାଜ୍ୟସଭା ଆସନ । ଘୋଡ଼ା ବେପାର ନ ହେଲେ ଗଣିତ ଦୃଷ୍ଟିରୁ ଏଥିରୁ ଦୁଇଟି ଆସନ ପଦ୍ମ ଦଳ ଭାଗରେ ପଡ଼ିବା ଆପାତତଃ ନିଶ୍ଚିତ । ସେଥିପାଇଁ ରାଜ୍ୟସଭା ଯିବାକୁ ଗୋଡ଼ ଟେକି ବସିଛନ୍ତି ନୂଆପଡ଼ାର ଗୈରିକ ବସନ ଓ ଦୀର୍ଘ ଶ୍ମଶ୍ରୁଧାରୀ ପଦ୍ମ ଦଳିଆ ପୁରୁଖା ନେତା ତଥା ପୂର୍ବ ରାଜ୍ୟ ଦଳପତି ବସନ୍ତ ପଣ୍ଡା । ଗଲା ନୂଆପଡ଼ା ଉପନିର୍ବାଚନ ସମୟରେ ପଦ୍ମ ଦଳରୁ ଟିକଟ ପାଇଁ ପ୍ରଥମ ଦାବିଦାର ଥିଲେ ବସନ୍ତ ଓ ତାଙ୍କ ପୁତ୍ର ଅଭିନନ୍ଦନ । ମାତ୍ର ଆମଦାନୀ ପ୍ରାର୍ଥୀ ଜୟଙ୍କ ପ୍ରତି ଦଳୀୟ ନେତାଙ୍କ ମୋହ ଏଥିରେ ପ୍ରତିବନ୍ଧକ ସାଜିଲା । ସେଇଥିପାଇଁ ସେତେବେଳେ ବସନ୍ତ ରୁଷିଥିଲେ ଓ ଅଭିମାନ କରିଥିଲେ ଅଭିନନ୍ଦନ । ଶେଷରେ ରାଜ୍ୟ ଅତିଥି ଭବନରେ କବାଟକିଳା ବୈଠକରେ ବସନ୍ତଙ୍କୁ ରାଜ୍ୟସଭା ଟିକଟ ଓ ଅଭିନନ୍ଦନଙ୍କୁ ନିଗମ ନିଯୁକ୍ତି ଦିଆଯିବ ବୋଲି କୁଆଡ଼େ ପ୍ରତିଶ୍ରୁତି ମିଳିଥିଲା । ଏହାପରେ ଉଭୟ ନୂଆପଡ଼ାରେ ଦଳ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ସେତେବେଳେ ନିଜ ଦାୟିତ୍ୱ ତୁଲାଇଥିବା ବସନ୍ତ ଓ ତାଙ୍କ ପୁତ୍ରମଣିଙ୍କୁ ଦଳ ଦେଇଥିବା ପ୍ରତିଶ୍ରୁତି ପୂରଣର ସମୟ ଏବେ ଆସିଛି ; ରାଜ୍ୟସଭା ଯିବାକୁ ପଣ୍ଡାବାବୁ ଗୋଡ଼ ଟେକି ବସିଛନ୍ତି । ମାତ୍ର ରାଜ୍ୟସଭା ପ୍ରସଙ୍ଗରେ ପଦ୍ମ ଦଳ ଓ ରାଜ୍ୟ ଦଳପତି ଯେପରି ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି; ତାହା ପଣ୍ଡା ପିତାପୁତ୍ରଙ୍କୁ ନିରାଶ କରିଛି । ୨୦୧୯ ରେ ଲୋକସଭାକୁ ନିର୍ବାଚିତ ହୋଇଥିବା ବସନ୍ତଙ୍କ ପରଫରମାନ୍ସ ବେଶ୍ ଭଲ ଥିଲା । ରାଜ୍ୟର ପଦ୍ମ ଦଳିଆ ସାଂସଦଙ୍କଠାରୁ ତାଙ୍କ ଉପସ୍ଥାନ ଓ ପ୍ରଶ୍ନ ହାର ଯଥେଷ୍ଟ ଅଧିକ ଥିଲା । ତେଣୁ ପ୍ରାର୍ଥର୍ୀ ବାଛିବା ବେଳେ ଦଳ ପରଫରମାନ୍ସକୁ ବି ଦେଖିବା ଦରକାର ବୋଲି ବସନ୍ତଙ୍କ ସମର୍ଥକ ଦାବି କଲେଣି । ତେବେ ବସନ୍ତଙ୍କ ପାଇଁ ବସନ୍ତ ଋତୁ ଯେ ଶୁଭ ହେବ, ତାହାକୁ ଏଯାଏ ଅନେକ ବିଶ୍ୱାସ କରିପାରୁ ନାହାନ୍ତି । ■

ପୁଣି ପଲଟିଲେ ପରିବହନ ମନ୍ତ୍ରୀ

ଯେଉଁଦିନ ପିୟୁସିସି ପ୍ରସଙ୍ଗରେ ଅଦାଲତ ଜନସ୍ୱାର୍ଥ ମାମଲାକୁ ଖାରଜ କଲେ, ସେଦିନ ବିଭୁତିବାବୁଙ୍କ ଖୁସି ଦେଖିବା ପରି ଥିଲା । ଅଦାଲତ ନିଷ୍ପତ୍ତି ଆସୁଆସୁ ଯେମିତି ସିଏ ଧଡ଼ାଧଡ଼୍ ଏହାକୁ ସ୍ୱାଗତ କରି ଏଜିଙ୍କୁ ପ୍ରଶଂସାରେ ପୋତି ପକାଇଲେ, ତାହା ଅନେକଙ୍କୁ ବିସ୍ମିତ କରିଥିଲା । ଯଦିଓ କିଛି ସମୟ ପରେ ସିଏ ତାଙ୍କର ଟ୍ୱିଟ୍‌କୁ ସଂଶୋଧନ କଲେ, ମାତ୍ର ଲୋକଙ୍କଠାରୁ ଚାଲାଣ ଆଦାୟ ବାଟ ଫିଟିଯିବାରେ ବିଭୁତି ବାବୁଙ୍କ ଆନନ୍ଦ ଅନେକଙ୍କ ପାଇଁ କଷ୍ଟଦାୟକ ମନେ ହୋଇଥିଲା । ଯା ପରେ ଅନେକ ତାଙ୍କୁ ୟୁ-ଟର୍ଣ୍ଣ ମନ୍ତ୍ରୀଙ୍କ ସୂଚୀରେ ପ୍ରଥମ ସ୍ଥାନରେ ରଖିଛନ୍ତି । ପିୟୁସିସି ପ୍ରସଙ୍ଗରେ ବାରମ୍ବାର ୟୁ-ଟର୍ଣ୍ଣ ମାରିଥିବା ବିଭୁତି ବାବୁ ନିଜ ରାଜନୈତିକ ଜୀବନକୁ ନେଇ କରିଥିବା ଘୋଷଣାରେ ବି ୟୁ-ଟର୍ଣ୍ଣ ମାରିବାକୁ ପଛାଇ ନାହାନ୍ତି । କେଇଦିନ ତଳେ ତାଙ୍କର ନିର୍ବାଚନ ଲଢ଼ିବାର ଆଗ୍ରହ ନାହିଁ, ଏପରିକି ଏଥିପାଇଁ ମାନସିକ ପ୍ରସ୍ତୁତି କରିଛନ୍ତି ବୋଲି କହିଥିଲେ । ମାତ୍ର ଦିନ ଦି'ଟା ଯାଇ ନାହିଁ; ସେ କେବେ କିଛି ନିଷ୍ପତ୍ତି ନେଇ ନାହାନ୍ତି, କେବେ କିଛି ଘୋଷଣା କରିନାହାନ୍ତି ବୋଲି ପୁଣି ୟୁ-ଟର୍ଣ୍ଣ ମାରିଛନ୍ତି । ସାମ୍ବାଦିକମାନେ ପଚାରୁ ପଚାରୁ ପଚାରିଦେଲେ ଓ ସେ କହୁ କହୁ ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଦେଲେ କହି ବିଭୁତି ପୁରା ପ୍ରସଙ୍ଗକୁ ଫାଙ୍କି ଦେଇଛନ୍ତି । ବିଭୁତି ବାବୁ ନିର୍ବାଚନ ଲଢ଼ନ୍ତୁ ବା ନ ଲଢ଼ନ୍ତୁ, ତାହା ତାଙ୍କର ବ୍ୟକ୍ତିଗତ ବ୍ୟାପାର । ହେଲେ ତାଙ୍କ ସୌରମଣ୍ଡଳ ନବଗ୍ରହ କୁହାଯାଉଥିବା କିଛି ନେତା ଏବେ ଚୋରା ବାଲି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଇଡ଼ି ଜେରାର ସମ୍ମୁଖୀନ ହୋଇଛନ୍ତି । ଆଜିକାଲି ଡ଼ିଜିଟାଲ ଯୁଗ, ପୁଣି ଦଳରେ ତାଙ୍କର (ଅ) ବନ୍ଧୁସଂଖ୍ୟା ବି କିଛି କମ୍ ନୁହେଁ । ତେଣୁ କୌଣସି ମତ ମନ୍ତବ୍ୟ ଦେବାବେଳେ ବିଭୁତି ବାବୁ ଟିକେ ହୁସିଆର ହୁଅନ୍ତୁ, ନ ହେଲେ କେତେବେଳେ କେଉଁ କଥା... । ■

ରାଜସ୍ୱ ବିଭାଗରେ 'ଅରୋ ମନ୍ତ୍ର'

ନିକଟରେ ରାଜସ୍ୱ ବିଭାଗରେ ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ନେବା ପରେ ବାବୁ ଅରବିନ୍ଦ ନିଜ ବିଭାଗର ଅଧସ୍ତନ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଜାରି କରିଛନ୍ତି ଦଶ ସୂତ୍ରୀ କାର୍ଯ୍ୟକ୍ରମ । ବ୍ଲକ୍‌ଠାରୁ ଆରମ୍ଭ କରି ଲୋକସେବା ଭବନ ପର୍ଯ୍ୟନ୍ତ ସମସ୍ତ ବିଭାଗର ମୁଖ୍ୟମାନଙ୍କ ଉଦ୍ଦେଶ୍ୟରେ ଏକ ଦୀର୍ଘ ଚିଠି ଲେଖି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସ୍ମରଣ କରାଇ ଦେବା ଓ ଶୁକ୍ରବାର ହସ୍ତତନ୍ତ ସାମଗ୍ରୀ ପରିଧାନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଅଫିସରେ ପାନ, ତମାଖୁ ଜାତୀୟ ସାମଗ୍ରୀ, ଧୂମପାନ, ମଦ୍ୟପାନ ନ କରିବାକୁ ସେ ନିର୍ଦ୍ଦେଶ ଦେବା ସହ ଏହାର ଉଲ୍ଲଂଘନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବି ଚେତାବନୀ ଦେଇଛନ୍ତି । ହେଲେ ଆମ ରାଜ୍ୟରେ ବ୍ଲକ୍, ତହସିଲରେ କାମ ପାଇଁ ସାଧାରଣ ଲୋକମାନେ ଏବେ କିପରି ଦହଗଞ୍ଜ ହେଉଛନ୍ତି, ତାହାକୁ ରାଜ୍ୟର ଅନେକ ଲୋକ ମର୍ମେମର୍ମେ ଅନୁଭବ କରୁଛନ୍ତି । ଯେଉଁଠି ବ୍ଲକ୍‌ଠାରୁ ଆରମ୍ଭ କରି ଲୋକସେବା ଭବନ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ଅଫିସର ଓ କର୍ମଚାରୀ ସାଧାରଣ ଲୋକଙ୍କ ପାଇଁ କରୁଥିବା କାମକୁ ଦୟା ବୋଲି ମନେ କରନ୍ତି, ପୁଡ଼ାଏ ପାନ-ସିଗାରେଟ ପ୍ୟାକେଟ ଟେବୁଲ ଉପରେ ନ ଥୋଇଲେ ଦର୍ଶନାର୍ଥୀଙ୍କ ମୁହଁକୁ ଆଡ଼ ଆଖିରେ ଚାହାନ୍ତି ନାହିଁ ଓ ହାତଗୁଞ୍ଜାକୁ ନିଜର ହକ୍ ମଣନ୍ତି; ସେଠାରେ ଅରବିନ୍ଦଙ୍କ ମନ୍ତ୍ର କାମ କରିବ ତ? କୃଷି ବିଭାଗ ଓ ଏହାର ଅଧିକାରୀମାନେ ଦାପ୍ତରିକ କାର୍ଯ୍ୟ ଓଡ଼ିଆରେ କରିବାକୁ ଅରବିନ୍ଦ ବାବୁ ନିର୍ଦ୍ଦେଶ ଦେଇଥିଲେ, ଏହା କେତେ କାର୍ଯ୍ୟକାରୀ ହେଉଛି ସିଏ ଜାଣିଥିବେ । ବାବୁଙ୍କ ଯୋଜନା ଓ ପ୍ରସ୍ତାବ ତ ବହୁତ ଭଲ, ହେଲେ ତାଙ୍କ ବିଭାଗର ଅଫିସର ଓ କର୍ମଚାରୀ ତାକୁ ଗ୍ରହଣ କଲେ ତ ? ■

ପର୍ବତକୁ ପଥର ଫିଙ୍ଗା

ଏକ ସମୟରେ ଲୁଲୁ ମହାପାତ୍ର ଥିଲେ ରାଜ୍ୟ ହାତ ଦଳର ଅପ୍ରତିଦ୍ୱନ୍ଦ୍ୱୀ ଯୁବ ନେତା । ତାଙ୍କ ପରଲୋକ ବେଳେ ରାଜ୍ୟରେ ହାତ ଦଳ କ୍ଷମତାକୁ ଫେରିବା ଆଶା ମଉଳି ଗଲା ବୋଲି ସେତେବେଳେ ଅନେକ ଲୋକ ଚର୍ଚ୍ଚା କରୁଥିଲେ । ଏବେ ଲୁଲୁଙ୍କ ଦାୟାଦ ଉପାସନା ଏବେ ପଦ୍ମ ଦଳରୁ ବିଧାନସଭାର ସର୍ବକନିଷ୍ଠ ସଦସ୍ୟ । ବୈଚାରିକ ଓ ରାଜନୈତିକ ମତଭେଦ ସତ୍ତ୍ୱେ ଲୁଲୁଙ୍କୁ ଭଲ ପାଉଥିବା ଲୋକମାନେ ସେହି ଦୃଷ୍ଟିରୁ ଉପାସନାଙ୍କୁ ସ୍ନେହ କରନ୍ତି । ବିଧାୟକ ଭାବରେ ଉପାସନାଙ୍କ ନିଜସ୍ୱ ପରିଚୟ ଏବେ ବି ଲୁଲୁ ମହାପାତ୍ରଙ୍କ ଝିଅର ଗର୍ବିତ ପରିଚୟକୁ ଅତିକ୍ରମ କରିଥିବା ମନେ ହେଉନାହିଁ । ତଥାପି କିଛିଦିନ ତଳେ ନିଜ ବୟସଠାରୁ ଯଥେଷ୍ଟ ଅଧିକ ଓ ଦୀର୍ଘ ଅଢ଼େଇ ଦଶନ୍ଧି ଧରି ରାଜ୍ୟର କୋଟି କୋଟି ଲୋକଙ୍କର ପ୍ରିୟ ମଣିଷ ପ୍ରତି ଦେଇଥିବା ମାଙ୍କଡ଼ ଟିପ୍ପଣୀ ଅନେକଙ୍କ ଆଖିରେ ଉପାସନାଙ୍କୁ ଅତ୍ୟନ୍ତ ଛୋଟ କରି ଦେଇଛି । ଏପରିକି ରାମମନ୍ଦିର ଆଖଡ଼ାର ଅନେକ ବଡ଼ ନେତା ବି ଦଳର ଜଣେ କନିଷ୍ଠ ବିଧାୟିକାଙ୍କ ଏପରି ଟିପ୍ପଣୀକୁ ନାପସନ୍ଦ କରିଥିବା ଆମ କାନରେ ବାଜିଛି । ନିଜର ନିଷ୍ଠୁର ଆନନ୍ଦ ପାଇଁ ବେଳେବେଳେ କିଛି ଲୋକ ଅନ୍ୟକୁ ଛୋଟ ଦେଖାଇବାକୁ ଚେଷ୍ଟା କରିଥାଆନ୍ତି, ମାତ୍ର ତାହା ସବୁବେଳେ ଆତ୍ମଘାତୀ ହୋଇଥାଏ । ଏକ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପଶ୍ଚିମ ଓଡ଼ିଶାର ଜଣେ ଜିଲ୍ଲାପାଳଙ୍କ ଆସ୍ପର୍ଦ୍ଧା ଓ ଅନ୍ୟ ଦଳରୁ ବିତାଡ଼ିତ ଦୁଇଜଣ ବ୍ଲକସ୍ତରୀୟ ନେତାଙ୍କ ମିଶ୍ରଣ ଉତ୍ସବରେ ଉପାସନାଙ୍କ ଆକ୍ଷେପ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ଥିବାପରି ମନେ ହେଉନାହିଁ । ଯେତେ ଢ଼େଲା ପଥର ଫିଙ୍ଗିଲେ ବି ପର୍ବତର କିଛି କ୍ଷତି ହୁଏନା, କେବଳ ନିଜର ଦେହ ବଥା ହେବା ଥାୟ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।